# ବୁଲା ଗୋରୁଙ୍କ କବ୍‌ଜାରେ ମୁଖ୍ୟରାସ୍ତା; ବଢୁଛି ଦୁର୍ଘଟଣା



ବଣାଇ,୮।୬(ସମିସ): ବଣାଇଁ ସହର ଦେଓଗାଁ ଛକ ଠାରୁ କନ୍ତଯୋଡ଼ି ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ବୁଲା ଗୋରୁଙ୍କ କବ୍‌ଜାରେ ରହିଛି। ବିଭିନ୍ନ ସ୍ଥାନରେ ଦିନ ରାତି ପଲ ପଲ ଗୋରୁ ବିଚରଣ କରିବା ସହ ଶୋଇ ରହୁଛନ୍ତି। ଫଳରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଦୁଇଚକିଆ ଯାନ ଠାରୁ ଆରମ୍ଭ କରି ଆମ୍ବୁଲାନ୍ସ, ଘରୋଇଯାନ, ଭାରିଯାନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ଗାଈଗୋରୁ ଶୋଇ ରହିବା ସହିତ ଅବାଧ ବିଚରଣ କରୁଥିବାରୁ ଅନେକ ସମୟରେ ବାଇକ୍ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଲହୁ ଲୁହାଣ ହୋଇଥିବା ବେଳେ ପଥଚାରୀମାନେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଈର ମାଲିକମାନେ କ୍ଷୀର ଦୁହିଁ ସାରିବା ପରେ ଛାଡ଼ି ଦେଉଥିବାରୁ ସେମାନେ ରାସ୍ତାରେ ଏପରି ଭାବେ ବୁଲୁଛନ୍ତି।

## ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ୍

ପ୍ରଶାସନ କିମ୍ବା ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ମାଲିକମାନେ ବେପିକର ହୋଇ ଗାଈଗୋରୁ ଛାଡ଼ି ଦେଉଛନ୍ତି। ବାରମ୍ବାର ଏ ସମସ୍ୟା ଉପରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ଯାହା ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଜନ ଅସନ୍ତୋଷ ବଢୁଛି।

# ଆର୍‌ଏସ୍‌ପିର 'ସକ୍ଷମ' ବରିଷ୍ଠ ନାଗରିକଙ୍କ ଆପଣାର ଘର

ରାଉରକେଲା, ୮।୬(ସମିସ)





ଏହି ଗତିଶୀଳ ଦୁନିଆରେ, ବାର୍ଦ୍ଧକ୍ୟ ଅନେକ ସମୟରେ ଏକାକୀପଣ, ସାମାଜିକ ବିଚ୍ଛିନ୍ନତା ଏବଂ ସାହାରାର ଅଭାବ ଭଳି ଆହ୍ୱାନ ନେଇ ଆସିଥାଏ, ଯାହା ଜୀବନର ଶେଷ ସମୟକୁ ଅନେକଙ୍କ ପାଇଁ କଷ୍ଟକର କରିଦିଏ। ଏହି ବଢୁଥିବା ସାମାଜିକ ଆବଶ୍ୟକତାକୁ ଚିହ୍ନଟ କରି ରାଉରକେଲା ଇସ୍ପାତ କାରଖାନା ସେଲ୍ ଏବଂ ଆରଏସପିର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ଏକ ଅନନ୍ୟ ଆଶ୍ରୟସ୍ଥଳ ସୃଷ୍ଟି କରିଛି 'ସକ୍ଷମ', ଯେଉଁଠାରେ ସମ୍ମାନ, ଯତ୍ନ ଏବଂ ଆପଣାର ଭାବ ଗୋଟିଏ ଛାତ ତଳେ ଦେଖିବାକୁ ମିଳିଛି।

ସେକ୍ଟର-୪ର ଶାନ୍ତ ପରିବେଶ ମଧ୍ୟରେ ଅବସ୍ଥିତ ଏହି ବରିଷ୍ଠ ନାଗରିକ ଆଶ୍ରୟସ୍ଥଳୀ ''ସକ୍ଷମ'କୁ ଆର୍‌ଏସ୍‌ପି ପକ୍ଷରୁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ୨୦୧୮ରେ ପ୍ରତିଷ୍ଠା କରାଯାଇଥିଲା। ୨.୩ ଏକର ପରିମିତ ଜମିରେ ବିକଶିତ ଏବଂ ପ୍ରାୟ ୧୬,୯୦୦ ବର୍ଗଫୁଟର ନିର୍ମିତ ଅଞ୍ଚଳରେ ବ୍ୟାପିଥିବା ''ସକ୍ଷମ'ର ପ୍ରତ୍ୟେକ ଦିଗରେ ଚିନ୍ତାଶୀଳ ଯୋଜନାର ପ୍ରତିଫଳନ ଦେଖିବାକୁ ମିଳେ। ଏହାର ପ୍ରତ୍ୟେକ ଆବାସିକ ୟୁନିଟ୍‌ରେ ସଂଲଗ୍ନ ଶୌଚାଳୟ ଓ ରୋଷେଇ ଘର ରହିଛି ଏବଂ ଏହା ଖଟ, ଗଦି, ଆଲମାରୀ, ପଢ଼ା ଟେବୁଲ୍, ଡାଇନିଂ ଆସବାବପତ୍ର, ଏଲ୍.ଇ.ଡି ଟେଲିଭିଜନ, ରେଫ୍ରିଜରେଟର, ଚିମିନି, ଗିଜର ଏବଂ ଆରୋ ପିଇବା ପାଣି ସିଷ୍ଟମ ଭଳି ଅତ୍ୟାବଶ୍ୟକ ସୁବିଧା ସୁଯୋଗରେ ସଜ୍ଜିତ।

ରୁମ୍ ଗୁଡ଼ିକ ବ୍ୟତୀତ, ଏହି କ୍ୟାମ୍ପସରେ ଏକ ମନୋରଞ୍ଜନ କକ୍ଷ, ଭୋଜନ ଶାଳା, ସ୍ୱାସ୍ଥ୍ୟ ପରୀକ୍ଷା କକ୍ଷ, ଯୋଗ ଓ ପ୍ରାର୍ଥନା ଗୃହ ଏବଂ ସୁନ୍ଦର ବଗିଚା ସହିତ ଅନେକ ସାଧାରଣ ସୁବିଧା ସୁଯୋଗ ରହିଛି। ଉତ୍ସର୍ଗୀକୃତ ଗୃହ ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ସେବା ନିଶ୍ଚିତ କରେ ଯେ ଯେପରି ଏଠାରେ ରହୁଥିବା ଅନ୍ତେବାସୀମାନେ ଏକ ଚିନ୍ତାମୁକ୍ତ ଜୀବନଶୈଳୀ ଉପଭୋଗ କରିପାରିବେ।

ତଥାପି, ଯେଉଁ ଜିନିଷଟି ''ସକ୍ଷମ'କୁ ପ୍ରକୃତରେ ସ୍ୱତନ୍ତ୍ର କରିଥାଏ, ତାହା ଏହାର ଭିତ୍ତିଭୂମି ନୁହେଁ ବରଂ ଏହାର ଆପଣାର ପରିବେଶ। ଏଠାରେ, ଅନ୍ତେବାସୀମାନେ ନିଜ ନିଜର ଭାବ ଆଦାନ ପ୍ରଦାନ କରନ୍ତି, ଏକାଠି ପର୍ବପର୍ବାଣୀ ପାଳନ କରନ୍ତି, ପୁରୁଣା ସ୍ମୃତି ବାଣ୍ଟନ୍ତି ଏବଂ ଏଭଳି ବନ୍ଧୁତା ଗଢ଼ିତୋଳନ୍ତି ଯାହା ପ୍ରାୟତଃ ପରିବାରର ସମ୍ପର୍କ ଭଳି ଅର୍ଥପୂର୍ଣ୍ଣ ହୋଇଯାଏ।

ଇସ୍ପାତ ଜେନେରାଲ ହସ୍ପିଟାଲର ସହଯୋଗରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିର ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଆର.ଏସ.ପି କ୍ରମାଗତ ଭାବରେ ସକ୍ଷମର ଅନ୍ତେବାସୀମାନଙ୍କୁ ନିୟମିତ ଚିକିତ୍ସା ସେବା ଯୋଗାଇ ଦେବା ନିଶ୍ଚିତ କରିଛି। ଡାକ୍ତରମାନେ ପର୍ଯ୍ୟାୟକ୍ରମେ ଏହି କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତି, ପୁରୁଣା ରୋଗର ତଦାରଖ କରନ୍ତି ଏବଂ ଅନ୍ତେବାସୀଙ୍କ ଆବଶ୍ୟକତା ଅନୁଯାୟୀ ଚିକିତ୍ସା ପରାମର୍ଶ ଦେଇଥାନ୍ତି। ଏହି ପଦକ୍ଷେପଗୁଡ଼ିକ ସ୍ୱାସ୍ଥ୍ୟ ସମସ୍ୟାର ଶୀଘ୍ର ଚିହ୍ନଟ କରିବାରେ ସାହାଯ୍ୟ କରିବା ସହ ଅନ୍ତେବାସୀମାନଙ୍କୁ ଆଶ୍ୱାସନା ଦେଇଥାଏ ଯେ ଚିକିତ୍ସା ସେବା ସେମାନଙ୍କର ସର୍ବଦା ନିକଟତର ଅଛି।

'ସକ୍ଷମ'ରେ, ପ୍ରଶିକ୍ଷିତ ପ୍ରଶିକ୍ଷକମାନଙ୍କ ଦ୍ୱାରା ପରିଚାଳିତ ନିୟମିତ ଯୋଗ ଶିବିର ଅନ୍ତେବାସୀମାନଙ୍କୁ ଶାରୀରିକ ସୁସ୍ଥତା, ନମନୀୟତା ଏବଂ ମାନସିକ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ବାହାରେ ଥିବା ଫିଟ୍‌ନେସ୍ ଉପକରଣଗୁଡ଼ିକ ହାଲୁକା ବ୍ୟାୟାମ ପାଇଁ ପ୍ରୋତ୍ସାହିତ କରୁଥିବାବେଳେ ଚେସ୍, କ୍ୟାରମ୍ ଏବଂ ଚାଇନିଜ୍ ଚେକର୍ସ ଭଳି ଇନଡୋର ଗେମ୍ସ ଉଭୟ ମନୋରଞ୍ଜନ ଏବଂ ମାନସିକ ସକ୍ରିୟତା ପ୍ରଦାନ କରିଥାଏ।

ଅନେକ ଅନ୍ତେବାସୀ ମଧ୍ୟ ନିଜର ପ୍ରିୟ ସଉକ ପୂରଣ କରିବା, ବହି ପଢ଼ିବା, ବଗିଚା କାମ କରିବା କିମ୍ବା କ୍ୟାମ୍ପସର ସବୁଜିମା ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ବୁଲାବୁଲି କରି ନିଜର ସମୟ ଅତିବାହିତ କରନ୍ତି।

''ସକ୍ଷମ'ର ପ୍ରକୃତ ସଫଳତା ଏହାର ଅନ୍ତେବାସୀମାନଙ୍କ ମୁହଁର ହସରେ ରହିଛି। ଅନେକଙ୍କ ପାଇଁ, ଏହି ସୁବିଧା ଏକ ଅମୂଲ୍ୟ ଜିନିଷ ପ୍ରଦାନ କରିଥାଏ - ତାହା ହେଉଛି 'ସଙ୍ଗ'। ସମବୟସ୍କ ଏବଂ ସମାନ ଅନୁଭୂତି ସମ୍ପନ୍ନ ବ୍ୟକ୍ତିମାନଙ୍କ ମଧ୍ୟରେ ରହିବା ଦ୍ୱାରା ପରସ୍ପର ପ୍ରତି ବୁଝାମଣା ଏବଂ ଏକ ମାନସିକ ସୁରକ୍ଷା ଭାବନା ସୃଷ୍ଟି ହୁଏ, ଯାହା ଅନ୍ୟ କେଉଁଠାରେ ପାଇବା ଦୁରୂହ।

ଏହି ପଦକ୍ଷେପ ମାଧ୍ୟମରେ, ରାଉରକେଲା ଇସ୍ପାତ କାରଖାନା ପ୍ରମାଣିତ କରିଛି ଯେ କର୍ପୋରେଟ୍ ଦାୟିତ୍ୱବୋଧ କେବଳ ଭିତ୍ତିଭୂମି ଏବଂ ବିକାଶ ମଧ୍ୟରେ ସୀମିତ ନୁହେଁ, ବରଂ ମାନବିକ ସମ୍ମାନକୁ ସୁରକ୍ଷିତ ରଖିବାରେ ମଧ୍ୟ ନିହିତ।

# ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟସେବା ଶିବିର

## ● କମ୍ରେଡ୍ ବନମାଳୀ ଧୁପାଳଙ୍କ ପୂଣ୍ୟତିଥିରେ ସାମାଜିକ କାର୍ଯ୍ୟକ୍ରମ

ରାଉରକେଲା,୮।୬(ସମିସ): କମ୍ରେଡ ବନମାଳୀ ଧୁପାଳଙ୍କ ପଞ୍ଚମ ପୂଣ୍ୟତିଥିରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ରକ୍ତଦାନ ଶିବିର ଓ ସ୍ୱଚ୍ଛତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, କମ୍ରେଡ ଧୁପାଳ ଜଣେ ବିଶିଷ୍ଟ ଶ୍ରମିକ ନେତା ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ପୂଣ୍ୟ



ତିଥିରେ ବନମାଳୀ ଧୁପାଳ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟସେବା ଶିବିର ବିଶ୍ରା ବ୍ଲକ୍ ସ୍ଥିତ ଉଡୁଷୁ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଡ ମଧୁସ୍ମିତା ଧୁପାଳଙ୍କ ତତ୍ତ୍ୱାବଧାନ ଓ ଟ୍ରଷ୍ଟି ଧନେଶ୍ୱର ଦାସଙ୍କ ସହଯୋଗରେ ଆୟୋଜିତ ଏହି ଶିବିରରେ ଆପୋଲୋ ହସ୍ପିଟାଲ ଓ ହାଇଟେକ୍ ମେଡିକାଲ୍ କଲେଜର ବରିଷ୍ଠ ସ୍ନାୟୁ ବିଶେଷଜ୍ଞ ତଥା ଟ୍ରଷ୍ଟର ସଭାପତି ଡାକ୍ତର ଦୀପ୍ତି ରଞ୍ଜନ ତ୍ରିପାଠୀ, ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ମିଳନ ଶତପଥୀ, ଔଷଧ ବିଶେଷଜ୍ଞ ଡାକ୍ତର ରାକେଶ ଖଟୁଆ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ତାସି କ୍ରିଷ୍ଟନ, ସର୍ଜରୀ ବିଶେଷଜ୍ଞ ଡାକ୍ତର ଅରୁଣ ପାଣ୍ଡେ ପ୍ରମୁଖ ଯୋଗଦେଇ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ଚିକିତ୍ସା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଫୁଲମଣି କେରକେଟା, ସରପଞ୍ଚ ଦୁଲାରୀ ଖାଖା, ପ୍ରଧାନ ଶିକ୍ଷୟିତ୍ରୀ ବିଜୟା ପ୍ରଧାନ ଯୋଗଦେଇ ଟ୍ରଷ୍ଟର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଧ୍ୟକ୍ଷା ଡ. ଧୁପାଳ ସ୍ୱର୍ଗତ ପିତା ବନମାଳୀଙ୍କ ପୂଣ୍ୟ ତିଥି ଅବସରରେ ତାଙ୍କର ଗୁଣଗାନ କରିଥିଲେ। ଟ୍ରଷ୍ଟି ଶ୍ରୀ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ପ୍ରଥମ ଡାକ୍ତରୀ ପଢୁଥିବା ଛାତ୍ର ସତ୍ୟ ଓରାମ, ଆଶାକର୍ମୀ ଜୟନ୍ତୀ ନାୟକ, ସୁମନ ଓରାମ, ସ୍ୱେଚ୍ଛାସେବୀ ମେରୀ ବାର୍ଲା, ରୁମାନୀ ଓରାମ, ଶାନ୍ତି ମାଝୀ, ଲିଲି ସଏ, ଶିକ୍ଷକ ସଞ୍ଜୟ ଲାକ୍ରା, ସ୍କୁଲ ପରିଚାଳନା ସଭାପତି ଶୀତଳ ସମାସୀ, ସୁମିତ ଓରାମ ଓ ହସ୍ପିଟାଲ ତରଫରୁ ନିଲୁ ଦାସ, ସୁଶାନ୍ତ ସାହୁ, ଆର୍ଯ୍ୟନ ପ୍ରସାଦ, ରାହୁଲ ସାହୁ, ସଞ୍ଜୀବ ସାମଲ, ହେମନ୍ତ ଦାସ, ଆଶିଷ ତିୱାରୀ, ସିଦ୍ଧାର୍ଥ ସାହୁ, ରବୀନ୍ଦ୍ର ସିଂ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଅନୁଷ୍ଠାନ ତରଫରୁ ମାଗଣା ପୋଷାକ ବଣ୍ଟନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ହାଇଟେକ୍ ମେଡିକାଲ୍ କଲେଜ ଠାରେ ଏକ ରକ୍ତଦାନ ଶିବିର ଓ ବୈକୁଣ୍ଠ ଘାଟ ଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଡାକ୍ତରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।





ଏସ୍‌ପି ନିତେଶ ୱାଧୱାନୀଙ୍କ ଉପସ୍ଥିତିରେ ରାଉରକେଲାରେ ୬ ନିଶା ମାଫିଆଙ୍କ ଘରେ ଚାଲିଲା ବୁଲ୍‌ଡୋଜର।

# ଆଦର୍ଶ ଯୁବକ ପରିଷଦ ପକ୍ଷରୁ ରଜ ମଉଜ ଆରମ୍ଭ



ରାଉରକେଲା,୮।୬(ସମିସ): ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ୧୨ତମ ରାଜ୍ୟସ୍ତରୀୟ ରଜ ମଉଜ-୨୦୨୬ ସୋମବାର ସେକ୍ଟର-୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ସମାଜସେବୀ ପ୍ରଦୀପ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୫୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିଭଳି ୧୦ ତାରିଖ ଦିନ ସ୍ଥାନୀୟ ସିଭିକ୍ ସେଣ୍ଟର ଠାରେ ବିଭିନ୍ନ ପ୍ରତିଯୋଗିତା ଏବଂ ସନ୍ଧ୍ୟା ୮ଟାରୁ ପରିଷଦର ୨୬ତମ ବାର୍ଷିକୋତ୍ସବ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ୧୨ ତାରିଖ ଦିନ ସିଭିକ୍ ସେଣ୍ଟର ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରଜ ମଉଜ ଷ୍ଟେଜ୍ ଶୋ, ଓଲିଉଡର କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ଓ ଅଭିଜିତ୍ ମଜୁମଦାରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସେମାନଙ୍କ ଲୋକପ୍ରିୟ ସଙ୍ଗୀତର ତାଳେ ତାଳେ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ହେବ। ମହିଳାଙ୍କ ମଧ୍ୟରେ ରଜ ଫେସନ ଶୋ-''ଓଡିଆଣୀ' ପ୍ରତିଯୋଗିତା ଓ ରାଉରକେଲାର ପ୍ରଖ୍ୟାତ ନୃତ୍ୟ ଗୁରୁଙ୍କ ଦ୍ୱାରା ସ୍ୱତନ୍ତ୍ର ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷରେ ରଜ ମଉଜର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ସହ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନରେ ସାମିଲ୍ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।

## ପାଞ୍ଚଶହ ଖଣ୍ଡା ଭୂୟାଁ ସମାଜର ମହାସମାବେଶ

# ସଂସ୍କୃତି ଓ ସାମାଜିକ ଏକତା ରକ୍ଷା ପାଇଁ ଆହ୍ୱାନ




କୋଇଡା,୮।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ମଣ୍ଡଳ ଅନ୍ତର୍ଗତ ପାଞ୍ଚଶହ ଖଣ୍ଡା ଭୂୟାଁ ସମାଜ ପକ୍ଷରୁ ଦୁଇ ଦିବସୀୟ ବାର୍ଷିକ ମହା ସମ୍ମିଳନୀ୨୦୨୬ ଅନୁଷ୍ଠିତ ହୋଇଯାଇଛି। ବାବା ଲଙ୍ଗଳେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଏବଂ ପାରମ୍ପରିକ ବସ୍ତ୍ର, ବାଦ୍ୟ ସହିତ ପରିକ୍ରମା ଶୋଭାଯାତ୍ରା କରି ଧରଣୀଧର ଷ୍ଟାଡିୟମଠାରେ ପହଁଚି ବୀର ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ପ୍ରାରମ୍ଭ କରିଥିଲେ। ମଞ୍ଚରେ ଥିବା ସହିଦ ରତ୍ନା ନାଏକ, ସହିଦ ଧରଣୀଧର ନାଏକ, ସହିଦ ମାଦ୍ରୀ କାଲୋଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଉପସ୍ଥିତ ଅତିଥିମାନଙ୍କୁ ପାରମ୍ପରିକ ସ୍ୱାଗତ ସଙ୍ଗୀତ, କର୍ପୂର-ଚନ୍ଦନର ତିଳକ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ କୋଇଡା, କେନ୍ଦୁଝର, ଯୋଡା, ବଂଶପାଳରୁ ୭ ହଜାରରୁ ଊର୍ଦ୍ଧ୍ୱ ଭୂୟାଁ ସମାଜର ଲୋକ ଉପସ୍ଥିତ ହୋଇଥିଲେ। ଏହି ଅବସରରେ ବଣାଇର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଧୁରୀ, କୋଇଡ଼ା ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଏକ, କୋଇଡା ଜିଲ୍ଲା ପରିଷଦ ପରିଷଦ ସଦସ୍ୟ (ଖ) ଅଶୋକ ନାଏକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପାଞ୍ଚଶହ ଖଣ୍ଡା ଭୂୟାଁ ସମାଜ ବିପ୍ଳବୀ ଧରଣୀଧର ଟ୍ରଷ୍ଟର ସଭାପତି ହୃଷୀକେଶ ଦେହୁରୀ, ମଣ୍ଡଳ ସଭାପତି ଭରତ ନାଏକ, ସମ୍ପାଦକ ହଳଧର ଦେହୁରୀ, ଛୋଟରାୟ ନାଏକ, ଡମ୍ବରୁ ଦେହୁରୀ, ସହଦେବ ନାଏକ, ଦିବାକର ନାଏକ ପ୍ରମୁଖ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଟି ପରିବାରରେ ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରିବା ପାଇଁ ସର୍ବସମ୍ମତ ଆହ୍ୱାନ ଦିଆଯାଇଥିଲା। ଓଏଏସ୍ ପାଇଥିବା ସମ୍ପ୍ରଦାୟର ପ୍ରଜ୍ଞା ପରମିତା ନାଏକଙ୍କୁ ସମ୍ମାନିତ ସହ ପରିଶେଷରେ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଚାରିପିଢ଼ି ସମ୍ପାଦକ ମଧୁସୂଦନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଲ୍, ୨୦୨୭ ଆର୍ଥିକ ବର୍ଷ ପାଇଁ ବଜାର ସ୍ଥିତି ଏବଂ ସ୍ଥାୟିତ୍ୱକୁ କରିଛି ମଜଭୁତ



ରାଉରକେଲା, ୮।୬(ସମିସ): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଆର୍ଥିକ ବର୍ଷ ୨୦୨୫-୨୬ର ସଫଳତାକୁ ଆଧାର କରି ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ନିଜର ରଣନୀତିକ ପ୍ରାଥମିକତାର ରୂପରେଖ ପ୍ରସ୍ତୁତ କରିଛି। କମ୍ପାନୀ ଗ୍ରାହକ ସମ୍ପର୍କ ଏବଂ ଖର୍ଚ୍ଚ ହ୍ରାସ ଉପରେ ଅଧିକ ଧ୍ୟାନ ଦେବା ସହ ମୂଲ୍ୟଯୁକ୍ତ ଏବଂ ସ୍ପେଶାଲ ଷ୍ଟିଲ୍ ଉତ୍ପାଦର ଅଂଶଧନ ବୃଦ୍ଧିକୁ ପ୍ରାଥମିକତା ଦେଉଛି। ଏଥିସହିତ, ସରକାରଙ୍କ 'ବିକଶିତ ଭାରତ@୨୦୪୭' ର ପରିକଳ୍ପନା ଅନୁଯାୟୀ ଏହା ନିଜର ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ଯୋଜନା ପ୍ରତି ଦୃଢ ଭାବେ ପ୍ରତିବଦ୍ଧ ରହିଛି। କମ୍ପାନୀ ପକ୍ଷରୁ ନିକଟରେ ଘୋଷଣା କରାଯାଇଥିବା ଆର୍ଥିକ ବର୍ଷ ୨୬ର ଆର୍ଥିକ ଫଳାଫଳ ପରେ ଏହି ପଦକ୍ଷେପ ନିଆଯାଇଛି।

ବିଶ୍ୱସ୍ତରୀୟ ଅସ୍ଥିରତାରୁ ସୃଷ୍ଟି ହୋଇଥିବା ଅନେକ ଆହ୍ୱାନ ସତ୍ତ୍ୱ, ସେଲ୍ ଗତ ବର୍ଷର ସମାନ ଅବଧି ତୁଳନାରେ ଆର୍ଥିକ ବର୍ଷ-୨୦୨୬ରେ ୧୧.୭୫%ର ଏକ ଦୃଢ଼ ''ଏବିଟା' ଅଭିବୃଦ୍ଧି ହାସଲ କରିଛି। ଆର୍ଥିକ ବର୍ଷ ୨୬ ମଧ୍ୟରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ ଏବଂ ଟିକସ ପୂର୍ବ ଲାଭ ଯଥାକ୍ରମେ ପ୍ରାୟ ୫୦% ଏବଂ ୪୪% ବୃଦ୍ଧି ପାଇଛି, ଏବଂ ଏଥିସହିତ ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଋଣ ଭାରକୁ ୮୧୪୮ କୋଟି ଟଙ୍କା ହ୍ରାସ କରାଯାଇଛି।

ଭବିଷ୍ୟତର ଆଭିମୁଖ୍ୟ ଉପରେ ମତ ରଖି ସେଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ପଣ୍ଡା କହିଛନ୍ତି ଆର୍ଥିକ ବର୍ଷ ୨୦୨୬ରେ ଆମର ପ୍ରଦର୍ଶନ ବିପଣନ ପଦକ୍ଷେପ, ଉତ୍ପାଦନରେ ସୁଧାର, ଦକ୍ଷତା ବୃଦ୍ଧି ଏବଂ ଉନ୍ନତ ଆର୍ଥିକ ରଣନୀତିର ମିଳିତ ପ୍ରଭାବକୁ ଦର୍ଶାଉଛି, ଯାହା କମ୍ପାନୀର ଉଭୟ ରାଜସ୍ୱ ଏବଂ ଶୁଦ୍ଧ ଲାଭକୁ ମଜଭୁତ କରିଛି। କମ୍ପାନୀର ଆର୍ଥିକ ସ୍ଥିତି ସୁଦୃଢ଼ ଅଛି ଏବଂ ଶକ୍ତିଶାଳୀ ଗ୍ରୁପ୍ ସମନ୍ୱୟ ସହିତ, ଆମେ ଆମର ଆର୍ଥିକ ବର୍ଷ ୨୦୨୭ ଲକ୍ଷ୍ୟ ହାସଲ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ।

ସେ ଆହୁରି ମଧ୍ୟ କହିଛନ୍ତି, ''ଆଗକୁ ବଢିବା ସହିତ, ଭାରତର ବର୍ଦ୍ଧିତ ଭିତ୍ତିଭୂମି ଏବଂ ଶିଳ୍ପ ଆବଶ୍ୟକତାକୁ ସେବା ଯୋଗାଇବା ପାଇଁ ଗ୍ରାହକ କେନ୍ଦ୍ରିକତା, ଖର୍ଚ୍ଚ ହ୍ରାସ ଏବଂ ସ୍ପେଶାଲ ଷ୍ଟିଲ୍‌ର ପୋର୍ଟଫୋଲିଓ ସମ୍ପ୍ରସାରଣ ଉପରେ ଆମର ଗୁରୁତ୍ୱ ରହିବ। ଏଥିସହିତ, ଆମେ ୱାର୍କିଂ କ୍ୟାପିଟାଲ୍ (କାର୍ଯ୍ୟକାରୀ ପୁଞ୍ଜି) ଋଣ ହ୍ରାସ କରିବା ଜାରି ରଖିବୁ, ଯାହା ଲାଭଦାୟକତାରେ ଆଖିଦୃଶିଆ ସୁଧାର ଆଣିବାରେ ସହାୟକ ହୋଇଛି। ଆର୍ଥିକ ବର୍ଷ ୨୦୨୬ ମଧ୍ୟରେ, ସେଲ ଏଭଳି ଅନେକ ପଦକ୍ଷେପ ଗ୍ରହଣ କରିଥିଲା ଯାହା ଏହାର ପ୍ରତିଯୋଗିତାମୂଳକ କ୍ଷମତା ଏବଂ ସ୍ଥିତିସ୍ଥାପକତାକୁ ବୃଦ୍ଧି କରିଛି। ଏକ ସ୍ଥାୟୀ ଇସ୍ପାତ ନିର୍ମାତା ହେବା ଏବଂ ପରିବେଶ ସମ୍ବନ୍ଧୀୟ ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ ରହିବା ଉପରେ ଧ୍ୟାନ ଦେଇ, କମ୍ପାନୀ କୋକ୍ ରେଟ୍, ଫୁଏଲ୍ ରେଟ୍, ବ୍ଲାଷ୍ଟ ଫର୍ଣ୍ଣେସ୍ ଉତ୍ପାଦନ କ୍ଷମତା ଏବଂ ନିର୍ଦ୍ଦିଷ୍ଟ ଶକ୍ତି ଉପଯୋଗ ଭଳି କ୍ଷେତ୍ରରେ ସର୍ବଶ୍ରେଷ୍ଠ ବୈଷୟିକ-ଅର୍ଥନୈତିକ ପାରାମିଟର ହାସଲ କରିଛି, ଯାହା ଏହାର ନିରନ୍ତର କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଦର୍ଶାଉଛି। ଏହାବ୍ୟତୀତ, ୨୮ଟି ନୂତନ ଉତ୍ପାଦ ବିକଶିତ କରାଯାଇଛି, ଯାହା ସେଲ୍‌ର ଉତ୍ପାଦ ବାସ୍କେଟ୍‌କୁ ବୃଦ୍ଧି କରିବା ସହ ବିଭିନ୍ନ ଗ୍ରାହକ ବର୍ଗଙ୍କୁ ସେବା ଯୋଗାଇବାର କ୍ଷମତାକୁ ସୁଦୃଢ଼ କରିଛି। ଏହି ସମସ୍ତ ପଦକ୍ଷେପ ମିଳିତ ଭାବେ କମ୍ପାନୀର ବଜାର ସ୍ଥିତିକୁ ମଜଭୁତ କରିଛି ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ମୂଳଦୁଆ ପକାଇଛି। ଆଗାମୀ ସମୟରେ, ସେଲ୍ ଅଧିକ ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟା ଆପଣେଇବା ଏବଂ ଲାଭଦାୟକତାରେ ଅଭିବୃଦ୍ଧି ହାସଲ କରି ସ୍ଥାୟୀ ଇସ୍ପାତ ଉତ୍ପାଦନ ପଥରେ ଅଗ୍ରସର ହେବା ପାଇଁ ପ୍ରତିବଦ୍ଧ ରହିଛି।

# ରାଉରକେଲା ପୁଲିସ ପକ୍ଷରୁ ବିଶ୍ୱ ସାଇକଲ ଦିବସ



ରାଉରକେଲା, ୮।୬(ସମିସ): ବିଶ୍ୱ ସାଇକଲ ଦିବସ ଅବସରରେ ରାଉରକେଲା ପୁଲିସ ପକ୍ଷରୁ ଲୋକପ୍ରିୟ 'ସାଇକେଲ ଉପରେ ରବିବାର' କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ସଂସ୍କରଣ ଆୟୋଜନ କରାଯାଇଥିଲା। ଏହି ଅବସରରେ ଫିଟନେସ୍, ପରିବେଶଗତ ସ୍ଥିରତା ଏବଂ ସଡ଼କ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବାକୁ ପୁଲିସ ପକ୍ଷରୁ ରବିବାର ଉଦିତନଗର ସ୍ଥିତ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରୁ ସାଇକଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା, ଯେଉଁଥିରେ ପୁଲିସ କର୍ମଚାରୀ, ସାଇକଲ ଚାଳକ, ଫିଟନେସ୍ ଉତ୍ସାହୀ, ଛାତ୍ର ଏବଂ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ଅଧିକାରୀମାନଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଯାତ୍ରାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଟ୍ରାଫିକ ଶୃଙ୍ଖଳା, ସଡ଼କ ସୁରକ୍ଷା ଏବଂ ଅଣ-ମୋଟରଚାଳିତ ପରିବହନର ଅଧିକ ବ୍ୟବହାର ମାଧ୍ୟମରେ କାର୍ବନ ନିର୍ଗମନ ହ୍ରାସ କରିବାର ଆବଶ୍ୟକତା ଉପରେ ସଚେତନତା ପ୍ରସାର ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ଅଂଶଗ୍ରହଣକାରୀ ସହର ସାରା ନିର୍ଦ୍ଦିଷ୍ଟ ରାସ୍ତା ଦେଇ ସାଇକଲ ଚାଳନ କରିଥିଲେ।

## ଶୀତଳ ଷଷ୍ଠୀ ମହୋତ୍ସବ

# ଶିବ ବିବାହ ପାଇଁ କନ୍ୟା ଦେଖା ସହ ଢ୍ୱାଇଁ ବରଣ

ତରଭା,୮ ।୬(ସମିସ): ତରଭା ଶ୍ରୀନୀଳକଣ୍ଠେଶ୍ୱର ବାବାଙ୍କ (ମହାଦେବ ) ବିବାହ ଉତ୍ସବ ତଥା ଶୀତଳ ଷଷ୍ଠୀ ମହୋତ୍ସବ ପାଳନ ନେଇ ମନ୍ଦିର ପରିଚାଳନା କମିଟି ନେତୃତ୍ୱରେ କନ୍ୟା ଦେଖା ଓ ଢ୍ୱାଇଁବରଣ ଅନୁଷ୍ଠିତ ହୋଇଯାଇଛି। ଶିବ ବାବାଙ୍କ ବିବାହ ପାଇଁ ମନ୍ଦିର ପୂଜକ ଓ କମିଟି ପକ୍ଷରୁ ସହରର ବିଭିନ୍ନ ପଡାରେ କନ୍ୟା ଖୋଜା ଆରମ୍ଭ ହୋଇ ଥିଲା ଓ ତରଭା ଏନ୍ଏସି ଅନ୍ତର୍ଗତ ଠାରେ ପ୍ରଫୁଲ୍ଲ ମିଶ୍ର ଓ ବିଦ୍ୟୁତଲତା ମିଶ୍ରଙ୍କ ଝିଅ ପାର୍ବତୀଙ୍କୁ ନୀଳକଣ୍ଠେଶ୍ୱର ବାବାଙ୍କ ସହ ବିବାହ ସ୍ଥିରୀକୃତ ହୋଇଛି। ଶୁକ୍ରବାର ସାନ୍ଧ୍ୟରେ ବର ପକ୍ଷରୁ ପିତା ବିଘ୍ନରାଜ ନାଏକ ଏବଂ ସାଗରୀକା ସାହୁ, ମନ୍ଦିର ପୂଜକ ଜନାର୍ଦ୍ଦନ ଥାନାପତି, କୁଳମଣି ଥାନାପତି, ଏବଂ କମିଟି ସଭାପତି ସନ୍ତୋଷ ସାହୁ ଓ ଗୁଞ୍ଜୁରୁ ଗୁରୁଙ୍କ ସହିତ ଶତାଧିକ ମହିଳା ଓ ପୁରୁଷ ମିଶି ଘଣ୍ଟ ଶଙ୍ଖ ତାଳରେ ଅନ୍ତର୍ଓ ପରିକ୍ରମା କରି କନ୍ୟା ପିତା ମାତାଙ୍କ ଘରକୁ ଯାଇ ବରପକ୍ଷରୁ ନୀଳକଣ୍ଠେଶ୍ୱର ବାବାଙ୍କ ବିବାହ ପାଇଁ ବୈଦିକ ରୀତିନୀତିରେ ପ୍ରସ୍ତାବ ଦିଆଯାଇ ଥିଲା ଓ କନ୍ୟା ପକ୍ଷରୁ ବିବାହର ସହମତି ଦିଆ ଯାଇଥିଲା। ରବିବାର ସନ୍ଧ୍ୟାରେ ଅନ୍ତର୍ଯାବାସୀ ନୀଳକଣ୍ଠେଶ୍ୱର ବାବାଙ୍କ ଅନୁମତି ନେଇ ମନ୍ଦିର ପୂଜକ, କମିଟି ସମସ୍ତ ସଭ୍ୟ ଶତାଧିକ ମହିଳା ଓ ପୁରୁଷ ବିରାଟ ଶୋଭାଯାତ୍ରା ମାଧ୍ୟମରେ ସହର ମୁଖ୍ୟ ରାସ୍ତା ଦେଇ ଗଡ଼ଭିତର ସ୍ଥିତ ବର ପକ୍ଷ ପିତା ମାତାଙ୍କ ଘର ଯାଇ ଢ୍ୱାଇଁ ବରଣ କରାଯାଇ ଥିଲା ଓ ଶୋଭାଯାତ୍ରା ସମୟରେ ସହରମୁଖ୍ୟ ରାସ୍ତାରେ କନ୍ୟା ପକ୍ଷରୁ ଯାଉଥିବା ଶୋଭାଯାତ୍ରା କାରିଙ୍କୁ ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ସୁନାରି ପଡା ବାସୀଙ୍କ ଦ୍ୱାରା ମାଳପୁଆ ମିଠା, ଜଳ ପ୍ରଦାନ କରାଯାଇ ଥିଲା ଓ ବୈଦିକ ରିତରେ ବିବାହ ସମ୍ବନ୍ଧ ନେଇ କନ୍ୟା ପକ୍ଷ ରୁ ଅନିତା ସାହୁ, ସୁଜାତା ରଥ, ସନ୍ତୋଷ ମିଶ୍ର, ଶ୍ୟାମସୁନ୍ଦର ସାହୁ,ଏବଂ ବରପକ୍ଷରୁ ଜନାର୍ଦ୍ଦନ ଥାନାପତି, ସନ୍ତୋଷ ସାହୁ, ଶଙ୍କର ସାହୁ,ଗୁଞ୍ଜୁରୁ ଗୁରୁ, ମାନଭଞ୍ଜନ ମିଶ୍ର,ପର୍ଶୁରାମ ସାହୁ, ଲଳିତ ନାଏକ, ବିନୋଦ ନାଏକ ଙ୍କ ସହ ବରିଷ୍ଠ ବ୍ୟକ୍ତି ବିବାହ ସମ୍ପର୍କିତ ବିଭିନ୍ନ ପରାମର୍ଶ ଓ କାର୍ଯ୍ୟକ୍ରମ ସୂଚନା ଦେଇଥିଲେ ଓ କନ୍ୟାଦେଖା ଓ ଢ୍ୱାଇଁ ବରଣ ସମୟରେ ତରଭା ସହର ଓ ଅନ୍ତର୍ଓର ବରିଷ୍ଠ ବ୍ୟକ୍ତିଙ୍କ ସହ ମହିଳା, ନିର୍ବାଚିତ ଲୋକ ପ୍ରତିନିଧି, ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଉଭୟ କାର୍ଯ୍ୟକ୍ରମରେ କନ୍ୟା ଓ ବର ପକ୍ଷରୁ ଉପସ୍ଥିତ ଭକ୍ତଙ୍କୁ ଭବ୍ୟ ସ୍ୱାଗତ, ସମ୍ବର୍ଦ୍ଧନା ଦିଆଯାଇଥିଲା।



## ବଡ଼ବାହାଲରୁ ଡଙ୍ଗାକଟା ରାସ୍ତାକୁ ଅଣଦେଖା



କଣ୍ଟାମାଳ,୮ ।୬(ସମିସ): ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ସୁବିଧା ଯୋଗାଉଦେବା ପାଇଁ କୋଟି ଟଙ୍କା ଯୋଜନା କରୁଛନ୍ତି; ହେଲେ ଯୋଜନା ବାଟବଣା ହେଉଛି। ବଡ଼ବାହାଲରୁ ଡଙ୍ଗାକଟା ରାସ୍ତା ଏହାର ନମୁନା। ଏହି ରାସ୍ତା ଉପରେ ବରଗାଁ ପଞ୍ଚାୟତ ନାରାୟଣ ପସାଦ ଓ ଉମା ପଞ୍ଚାୟତର ଶହ ଶହ ଲୋକ ନିର୍ଭର କରିଥାନ୍ତି। ଏହି ରାସ୍ତାରେ ବର୍ଷା ଋତୁରେ ଆମ୍ବୁଲାନ୍ସ ଆସିପାରେନାହିଁ। ଛାତ୍ରଛାତ୍ରୀ କାଦୁଅରେ ଯିବାକୁ ବାଧ୍ୟ ହୁଅନ୍ତି। ଅଙ୍ଗନବାଡୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନି। ଏଣୁ ଲୋକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି।

## ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଭାର ଗ୍ରହଣ



ବୌଦ୍ଧ,୮ ।୬(ସମିସ): ବୌଦ୍ଧ ବ୍ଲକ୍ ବଡିଗାଁ ପିଏମ୍ଶ୍ରୀ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପୁରୋହିତ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ପୁରୋହିତ ପୂର୍ବରୁ ଏହି ସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ।

## ଗଞ୍ଜେଇ ସହ ବାଇକ୍ ଜବତ,୨ ମାଫିଆ ଚମ୍ପଟ

ଡୁଙ୍ଗୁରିପାଲି, ୮ ।୬(ସମିସ):ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ଶୁଖା- କଲ୍ଲାଜୁରୀ ରାସ୍ତା ମହୁଲପାଲି ଛକରେ ଗଞ୍ଜେଇ ଧରିଥିଲାଫ ସୂଚନ ମୁତାବକ ସୋମବାର ସକାଳେ ଡୁଙ୍ଗୁରିପାଲି ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍‌କୁ ପିଛା କରିଥିଲା। ଉକ୍ତ ବାଇକ୍‌ରେ ହେଉଥିଲା ଗଞ୍ଜେଇ ଚୋରା ଚାଲାଣ ମାଡ଼ି ବସିଲା ପୁଲିସ। ଶୁଖା -କଲ୍ଲାଜୁରୀ ରାସ୍ତା ମହୁଲପାଲି ଛକରେ ବାଇକ ଛାଡ଼ି ଘଟଣାସ୍ଥଳ ରୁ ଦୁଇ ଜଣ ମାଫିଆ ଚମ୍ପଟ ମାରିଥିବା ବେଳେ ଗଞ୍ଜେଇ ଓ ବାଇକ୍‌କୁ ଜବତ କରିଛି। ରାମପୁର ଅତିରିକ୍ତ ତହସିଲଦାର ରୋହିତ କୁମାର ବାଗଙ୍କ ଉପସ୍ଥିତିରେ ଗଞ୍ଜେଇ ବ୍ୟାଗ ଖୋଲିଥିଲେ। ବ୍ୟାଗରୁ ୨୧ଟି ପ୍ୟାକେଟ୍ ଗଞ୍ଜେଇ ବାହାରି ଥିଲା ଯାହାକି ପ୍ରାୟ ୨୧ କେଜି ୩୦୦ଗ୍ରାମ ହୋବ ବୋଲି ସୂଚନା ମିଳିଛି। ଡୁଙ୍ଗୁରିପାଲି ପୁଲିସ ଗଞ୍ଜେଇ ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।



## ହରଭଙ୍ଗା ପଞ୍ଚାୟତ ସମିତିରେ ଯୁଗ୍ମ ଅଭିଯୋଗ ଶୁଣାଣି

ହରଭଙ୍ଗା,୮ ।୬(ସମିସ):ବୌଦ୍ଧ ଜିଲ୍ଲା ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମିନାଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ସନ୍ତୋଷ ତ୍ରିପାଠୀ, ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୮୦ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠି ଗତ ଏଭଳି ମୋଟ ୮୮ ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ୪୩ ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୫ ଜଣ ଅସହାୟଙ୍କୁ ରେଡକ୍ରସ୍ ପାଣ୍ଠିରୁ ୨୨ ହଜାର ଟଙ୍କାର ତତ୍କାଳିନ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ଜିଲ୍ଲାରେ ଅଦ୍ୟାବଧି ଚାଲୁଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାର ତୁରନ୍ତ ସମାଧାନ ସହିତ ସମସ୍ତ ସମସ୍ୟାର ସମାଧାନ ୭ ଦିନ ମଧ୍ୟରେ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହରଭଙ୍ଗା ଏବିଡ଼ିଓ ସତ୍ୟପ୍ରିୟ ସାହୁ, ତହସିଲଦାର କର୍ଣ୍ଣ ସୁନା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜ୍ୟୋତିରଞ୍ଜନ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ,ଲାଇନ୍ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



## ବିଦ୍ୟୁତ୍ ବିଭାଗର ଅବହେଳାରୁ ମରିଲେ ୧୫ ହଜାର କୁକୁଡା

ଶଗଡା,୮ ।୬(ସମିସ):ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଳସାଗୋରା ପଞ୍ଚାୟତଡେଙ୍ଗପଦର ଗାଁର ଭୂମିସୂତା ସାହୁଙ୍କ ବ୍ରଏଲର ଫାର୍ମରେ ସୋମବାର ବିଜୁଳି ବିଭ୍ରାଟ ଯୋଗୁଁ ୧୫ ହଜାର କୁକୁଡା ମରିଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୋମବାର ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏଁ ବିଜୁଳି ଯୋଗାଣରେ ଅବ୍ୟବସ୍ଥାରୁ ଭୂମି ସୂତାଙ୍କ ୨୧ ହଜାର ୧୯୩ ଗୋଟି କୁକୁଡା ମଧ୍ୟରୁ ୧୫ ହଜାର କୁକୁଡା ମୃତ୍ୟୁ ହୋଇଥିବା ଜଣାପଡିଛି। ଫାର୍ମର ବିଦ୍ୟୁତ୍ ଉପଭୋକ୍ତା ନଂ ୨୯୩୦୦୧୦୩୪୩୯୪ରେ ସମସ୍ତ ବିଜୁଳି ଦେୟ ପଇଠ କରିଛନ୍ତି। କିନ୍ତୁ ବିଜୁଳି ବିଭାଗର ଅବହେଳରୁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଭୂମିସୁତାଙ୍କ ବ୍ୟାପକ କ୍ଷତି ହୋଇଛି। ପୂର୍ବରୁ ଏନେଇ ଅଭିଯୋଗ ହୋଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅପରପକ୍ଷରେ ବିଜୁଳି ବିଭାଗ ନିର୍ବାହୀଅଧିକାରୀ ନରେଶ ଚନ୍ଦ୍ର ଆଚାର୍ଯ୍ୟ ଏନେଇ କୌଣସି ସ୍ପଷ୍ଟିକରଣ ଦେଇ ନାହାନ୍ତି।

## ପିଲା ଚୋର ସନ୍ଦେହରେ ଯୁବକଙ୍କୁ ବାନ୍ଧିଲେ ଗ୍ରାମବାସୀ

ବୌଦ୍ଧ/ଜହ୍ନାପଙ୍କ,୮ ।୬(ସମିସ): ବୌଦ୍ଧ ବ୍ଲକ୍ ଆମ୍ବଝରୀ ପଞ୍ଚାୟତ ଦେବନ୍ଧ ନିକଟ ଡିମିରିଖୋଲ ଗ୍ରାମରେ ଜଣେ ଯୁବକଙ୍କୁବାନ୍ଧି ଗ୍ରାମବାସୀ ଉତ୍ତମ ମଧ୍ୟମ ଦେବା ଘଟଣା ସାମାଜିକ ଗଣ ମାଧ୍ୟମରେ ଭାଇରାଲ୍ ହେଉଛି।ସୂଚନା ଅନୁଯାୟୀ ଶନିବାର ରାତିରେ ଡିମିରିଖୋଲ ଗ୍ରାମବାସୀ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଦେଖି ପିଲା ଚୋର ଭାବି ଧରିଥିଲେ ଓ ତାକୁ ଦଉଡିରେ ବାନ୍ଧି ଉତ୍ତମ ମଧ୍ୟମ ଦେଇଥିଲେ। ବିଭିନ୍ନ ସାମାଜିକ ଗଣ ମାଧ୍ୟମରେ ଭାଇରାଲ୍ ହେବା ପରେ ସ୍ଥାନୀୟ ଅ୍ୟଚଳର ଲୋକଙ୍କ ମନରେ ଛୁଆ ଚୋର ଆତଙ୍କ ଖେଳି ଯାଇଛି। ଓଡିଆ ଭାଷା ବୁଝୁ ନଥିବା ଉକ୍ତ ଯୁବକ ମାନସିକ ବିକାର ଥିବା ଜାଣି ପାରି ସକାଳେ ଡିମିରିଖୋଲ ଲୋକେ ତାକୁ ଆଣି ଦେବନ୍ଧ ନିକଟ ମୁଖ୍ୟ ରାସ୍ତାରେ ଛାଡି ଦେଇଥିଲେ। ପୂର୍ବରୁ କିଛି ଦିନ ତଳେ ମଧ୍ୟ ଉକ୍ତ ଜୁବକକୁ ନିକଟସ୍ଥ ତରଭା ଓ ଆଖ ପାଖ ବିଭିନ୍ନ ଗ୍ରାମର ଲୋକେ ସନ୍ଦେହରେ ଧରି ପଚରାଉଚରା କରି ମାନସିକ ବିକୃତି ଥିବା ଜାଣିବା ପରେ ଛାଡି ଦେଇଥିଲେ। ଖବର ପାଇ ବଘିଆପଡା ଫାଣ୍ଡି ପୁଲିସ ଦେବନ୍ଧ ନିକଟରୁ ଉକ୍ତ ଯୁବକକୁ ଉଦ୍ଧାର କରି ବୌଦ୍ଧ ଆଣି ଛାଡି ଦେଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବଘିଆପଡା ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁଙ୍କ ପ୍ରତିକ୍ରିୟା ନେବାରୁ ସେ ସମ୍ପୃକ୍ତ ଯୁବକ ମାନସିକ ବିକାର ଗ୍ରସ୍ତ ଥିବା ଓ ଏ ଅଞ୍ଚଳରେ କିଛି ଦିନ ହେଲା ବୁଲୁଥିବା ବେଳେ ତାର ସୁରକ୍ଷା ଦୃଷ୍ଟିରୁ ବୌଦ୍ଧ ସହରକୁ ଆଣି ଛାଡି ଦିଆ ଯାଇଥିବା ପ୍ରକାଶ କରିଥିଲେ।



## ସୋନପୁର ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି

# ୨୭ଟି ଦରଖାସ୍ତ ଗ୍ରହଣ-ସମାଧାନ ଶୂନ

ତରଭା,୮ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ୍‌ର ବିଶିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ମୋଟ ୨୭ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଦରଖାସ୍ତ ଥିଲା। ୩ଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ପାଇଁ ରହିଥିଲା। ସମସ୍ତ ଦରଖାସ୍ତକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଥିଲା ହେଲେ ଶିବିରରେ ଗୋଟିଏ ହେଲେ ସମସ୍ୟାର ସମାଧାନ ହୋଉ ପାରିନଥିଲା।ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀଅଧିକାରୀ, ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ଡ଼ ସୌମ୍ୟ ରୁପା ରଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପ୍ରତୀକ କରଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ ସହକାରୀ କଲେକ୍ଟର (ଅଭିଯୋଗ) ପ୍ରିୟଦର୍ଶିନୀ ସାହୁ ଏବଂ ସମସ୍ତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ତଥା ସେମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



# ବିନା ସୂଚନା ଫଳକରେ ରାସ୍ତା କାମ

କଣ୍ଟାମାଳ,୮ ।୬(ସମିସ):ରାଜ୍ୟ ସରକାର ଗ୍ରାମାଞ୍ଚଳ ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରିଛନ୍ତି।ରାଜ୍ୟରୁ ଦାଦନ ମୁକ୍ତ କରିବା। ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି କିନ୍ତୁ ଯୋଜନାକୁ ବାଟବଣା ଓ ଲୋକ ଅନ୍ଧାରରେ ରଖୁଛନ୍ତି ଠିକାଦାର ଓ ଦାୟିତ୍ୱରେ ଥିବା ସରକାରି କର୍ମ ଚାରି। ଶ୍ରମିକ କାମ ରାଜ୍ୟରେ କାମନ ପାଇ ବାହାର ରାଜ୍ୟକୁ ପରିବାର ପରିପୋଷଣ କରିବା ପାଇଁଦାଦନଖଟିବାକୁଯାଉଛନ୍ତି। କିନ୍ତୁରାଜ୍ୟସରକାର ଶ୍ରମିକ ବଦଳରେ ବିନା ସୂଚନା ଫଳକରେ ମେସିନ ଦ୍ୱାରା କାମ କରି ଲକ୍ଷଲକ୍ଷ ଟଙ୍କା ହରିଲୁଟ୍ ହେଉଛି। ସରକାରୀ ଯୋଜନାକୁ କାହିଁକି ବିନା ସୂଚନା ଫଳକରେ କାମ କରାଯାଇଛି। କେଉଁ ଯୋଜନା ର କାମ,କେଉଁ ବିଭାଗର କାମ, ଅଟକଳ ପରିମାଣ କେତେ, ଓ କେଉଁ ମସିହାର କାମ ସୂଚନା ଫଳକ ନାହିଁ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ଗ୍ରାମ ପଞ୍ଚାୟତ ମାତାକୁପା ୱାଡ ମୁଖ୍ୟ ରାସ୍ତା ଠାରୁ ବୁଢ ଖୋଲ ରାସ୍ତାରେ ବିନା ସୂଚନା ଫଳକ କାମ ହୋଇଛି। ଏ ବିଷୟ ବରଗାଁ ପିଇଓ ଭୁଲେଶ୍ୱର ନାଗକୁ ପଚାରିବାରୁ ବ୍ଲକ୍ କାମ ହୋଇଥିବ।ବରଗା ଏଡିଓ କ୍ଷିରୋଦ ମହାପାତ୍ରକୁ ଫୋନ କରିବାରୁ କେଉଁ ବିଭାଗର କାମ ଜାଣିନାହିଁ ବୋଲି କହିଛନ୍ତି। କଣ୍ଟାମାଳ ଗୋଷ୍ଠି ଉନ୍ନୟନ ଅଧିକ ।ରୀ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନି।



# ଗାୟତ୍ରୀ ଶକ୍ତି ପୀଠରେ ବାଳସଂସ୍କାର ଶାଳା ଉଦ୍‌ଘାଟିତ

ବୌଦ୍ଧ,୮ ।୬(ସମିସ): ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଦ୍ୱାରା ସ୍ଥାପିତ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ତରଫରୁ ସୋମବାର ବୌଦ୍ଧ ଗାୟତ୍ରୀ ଶକ୍ତି ପୀଠରେ ୧୦ବର୍ଷରୁ ୧୪ ବର୍ଷର ବାଳକ ବାଳିକାଙ୍କୁ ଭାରତୀୟ ସଂସ୍କୃତି ଉପରେ ଆଧାରିତ ସଂସ୍କାର ପ୍ରଦାନ କରିବା ପାଇଁ ତଥା ସେମାନଙ୍କ ବୌଦ୍ଧିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ଶ୍ରୀରାମ ବାଳ ସଂସ୍କାର ଶାଳା ଉଦ୍‌ଘାଟିତ ହୋଇଯାଇଛି। ଶୈକ୍ଷିକ ଅନୁଷ୍ଠାନକୁ ଉଦ୍‌ଘାଟନ କରିଥିଲେ ବୌଦ୍ଧର ଯୋଗଗୁରୁ ତଥା ପ୍ରଧାନ ଶିକ୍ଷକ ହୃଷିକେଶ ପ୍ରଧାନ। ସେ ଅଷ୍ଟାଙ୍ଗ ଯୋଗ ମାଧ୍ୟମରେ କିପରି ଜଣେ ଶିଶୁ ଉତ୍ତମ ନାଗରିକ ହୋଇପାରିବ ସେ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ। ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ତଥା ପରିବେବିତ୍ ଅଧ୍ୟାପକ ପ୍ରବୀର କୁମାର୍ ଦାସ ସଂସ୍କାର ଶାଳାର ଆଭିମୁଖ୍ୟ ଓ ତାର ଆଜିର ସମୟରେ ଆବଶ୍ୟକତା ଉପରେ ବର୍ଣ୍ଣନା କରିବା ସହ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବରିଷ୍ଠ ସଦସ୍ୟା ତଥା ସଂସ୍କାର ଶାଳାର ମୁଖ୍ୟ ପରିଚାଳକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୀତାଞ୍ଜଳି ପଟ୍ଟନାୟକ ଶିଶୁଙ୍କ ପରିଚୟ କରାଇଥିଲେ। ସଂସ୍କାର କେନ୍ଦ୍ରର ସଂଯୋଜକ ଗୀତାଞ୍ଜଳି ପ୍ରଧାନ ପ୍ରାଥମିକସ୍ତରରେ ୧୪ ଜଣ ଶିଶୁ ଆଡମିଶନ୍ ନେଇଛନ୍ତି। ପ୍ରତି ରବିବାର ଦିନ ସକାଳ ୮ ଘଣ୍ଟାରୁ ୯ଘଣ୍ଟା ପର୍ଯ୍ୟନ୍ତ ଚାଲିବ ବୋଲି ଘୋଷଣା କରିଥିଲେ।କାର୍ଯ୍ୟକ୍ରମରେ ଜିଲ୍ଲା ର ଗାୟତ୍ରୀ ପରିବାରର ସହ ସଂଯାଯୋକ ନାରାୟଣ ନାୟକ, ବରିଷ୍ଟ ସଦସ୍ୟା ରୁକ୍ମିଣୀ ରାଜୁ, ଗୀତା ମେହେର,ସଂତୋଷିନୀ ପାଳ ଯୋଗଦେଇ ବହୁ ସହଯୋଗ କରିଥିଲେ। ପରିବାର ସଦସ୍ୟ ଲକ୍ଷ୍ମୀଧର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଶିଶୁ ପ୍ରଜ୍ଞାଶ୍ରୀ ମଧୁଭାଷିନି ସଙ୍ଗୀତ ଗାନ କରିଥିଲେ।



## ଅନ୍ତ୍ୟୋଦୟ ଯୋଜନାରୁ ବଞ୍ଚିତ ହିତାଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବୌଦ୍ଧ,୮ ।୬(ସମିସ):ବୌଦ୍ଧ ବ୍ଲକ୍ ବଘିଆପଡ଼ା ପଞ୍ଚାୟତର ଆମଠାପଡ଼ାର ଅସହାୟ, ସ୍ୱାମୀ ପରିତ୍ୟକ୍ତା ବୁଇତ କର୍ଣ୍ଣଙ୍କ ଘର ଦୁଇ ଦୁଇ ଥର ବୌଦ୍ଧ ଏବିଡିଓ ସୁଦାମ ସାମଲ୍ ତଦନ୍ତରେ ଆସି ଅଯୋଗ୍ୟ ଦର୍ଶାଇ ଅନ୍ତ୍ୟୋଦୟ ଗୃହ ପାଇବାରୁ ବଞ୍ଚିତ କରିଥିବା ନେଇ ସେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ବୌଦ୍ଧ ଏବିଡ଼ିଓ ଶ୍ରୀ ସାମଲ ଅନ୍ତ୍ୟୋଦୟ ଗୃହ ତଦନ୍ତରେ ଅନିୟମିତତା କରିଥିବାରୁ , ଗତ ୨୨.୧୦.୨୫ ରିଖରେ ବୌଦ୍ଧ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡ଼ିଓ)ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ତଦନ୍ତ ହୋଇ ନ ଥିବା ଅଭିଯୋଗ ହୋଇଅଛି।ତେଣୁ ଯୋଗ୍ୟ ହିତାଧିକାରୀଙ୍କୁ ଅଯୋଗ୍ୟ ଦର୍ଶାଇ ଅନ୍ତ୍ୟୋଦୟ ଗୃହ ପାଇବାରୁ ବଞ୍ଚିତ କରିଥିବାରୁ ହିତାଧିକାରୀ ବୁଇତ କର୍ଣ୍ଣ ସହିତ ପଞ୍ଚାୟତର ବହୁତ ଯୋଗ୍ୟ ହିତାଧିକାରୀ ଯଥା ବିଦୁ ମହାକୁଡ଼,ବୁଇତ କର୍ଣ୍ଣ,ରଇବାରି ପ୍ରଧାନ, ବେଙ୍ଗଲି ନାୟକ, ଭଗବତୀ କହଁର,ପାର୍ବତୀ ନାଇକ,ନୁଆଦେଇ ପ୍ରଧାନ ସମେତ ବିଧବା,ବିକଳାଙ୍ଗ, ଅସହାୟ ମହିଳା ସୋମବାର ହରଭଙ୍ଗା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ବୁଇତ କର୍ଣ୍ଣ ସମେତ ସାମାଜିକ କର୍ମି ଧରଣୀଧର ଲଉରିଆ, ବିକାଶ ବାଦି ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ବୌଦ୍ଧ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ବୌଦ୍ଧଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୁଇତ କର୍ଣ୍ଣ ଅନ୍ତ୍ୟୋଦୟ ଗୃହ ପାଇଁ ଯୋଗ୍ୟ ଥିବାରୁ ବଘିଆପଡ଼ା ସରପଞ୍ଚ ଅନୁଜା ଦୀପ ତାଙ୍କ ଅଭିଯୋଗପତ୍ର ଦସ୍ତଖତ ଦେଇ ଘର ଦେବା ପାଇଁ ଅନୁରୋଧ କରିଛନ୍ତି।



## ଆମରଣ ଅନଶନ ପ୍ରତ୍ୟାହୃତ

ବୌଦ୍ଧ,୮ ।୬(ସମିସ):ଜମିଜମା ମାମଲାରେ ନ୍ୟାୟ ପ୍ରଦାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶନିବାର ଠାରୁ ଆମରଣ ଅନଶନ କରିଥିବା ଟୁଟୁସିଙ୍ଗାଗ୍ରାମର ପ୍ରମୋଦ କୁମାର ପ୍ରଧାନ ପ୍ରଶାସନର ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର କରିଛନ୍ତି।ମିଳିଥିବା ସୂଚନା ଅନୁଯାୟୀ ଅନଶନକାରୀ ଶ୍ରୀ ପ୍ରଧାନ ଟୁଟୁସିଙ୍ଗା ମୌଜାର ଖାତା ନଂ ୩୦୩, ପ୍ଲଟ ନଂ ୧୧୧୯ ରେ ଥିବା ୨ ଏକର ୧୩ଡିସିମିଲ ଜମି ବହୁ ବର୍ଷରୁ ନିଜ ଦଖଲରେ ରଖି ଆସିଥିଲେ ଓ ଜମି ମାଲିକଙ୍କ ସହ ବୌଦ୍ଧର ବରିଷ୍ଠ ସିଭିଲ୍ ଜଜ୍‌ଙ୍କ ଅଦାଲତରେ ଚାଲିଥିବା ମୋକଦ୍ଦମା ବିଚାରାଧିନ ରହିଛି। ଏହା ସତ୍ତ୍ୱେ ବୌଦ୍ଧ ଉପଜିଲ୍ଲାପାଳ ବେଆଇନ ଭାବରେ ପ୍ରମୋଦ କୁମାର ପ୍ରଧାନଙ୍କ ପରିବାରକୁ ବେଦଖଲ କରାଇ ବିରୋଧୀ ପକ୍ଷ ବିଶାଳ ଭ୍ୟାସଙ୍କୁ ଦଖଲ୍ ମଡାଇ ଥିବା ଶ୍ରୀ ପ୍ରଧାନ ଅଭିଯୋଗ କରି ଦୁଇ ଦିନ ହେଲା ଆମରଣ ଅନଶନରେ ବସିଥିଲେ। ଅଭିଯୋଗର ତଦନ୍ତ ଓ ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ଜିଲ୍ଲା ପ୍ରଶାସନ ଦେବା ଓ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ଅନୁରୋଧକ୍ରମେ ପଇଡ ପାଣି ପିଇ ଶ୍ରୀ ପ୍ରଧାନ ଆମରଣ ଅନଶନ ଭଙ୍ଗ କରିଥିବା ସୂଚନା ମିଳିଛି।



## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଡୁଙ୍ଗୁରିପାଲି, ୮ ।୬(ସମିସ):ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସହଲା ଆଦିବାସୀ ପଞ୍ଚାୟତ ଉଚ୍ଚ ଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାନନ ବାରିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ଯୋଗ ଦେଇଥିଲେ। ଶିକ୍ଷକ ଅମୂଲ୍ୟ ବେହେରା ସଭା ପରିଚାଳନା କରିଥିଲେ।ପ୍ରଧାନଶିକ୍ଷକ ପଞ୍ଚାନନ ବାରିକ ସ୍କୁଲରେ ୧୯୯୨ ମସିହାରେ ଯୋଗ ଦେଇ ଆଜିକୁ ଦିର୍ଘ ୩୫ ବର୍ଷ ଧରି ଶିକ୍ଷାଦାନ କରିଛନ୍ତି। ସେ ଜଣେ କର୍ମନିଷ୍ଠାପର ଓ ଆଦର୍ଶ ଶିକ୍ଷକ ଭାବେ ବେଶ ପରିଚୟ ହାସଲ କରିଥିଲେ। ବିଦ୍ୟାଳୟର ବିକାଶ ପାଇଁ ଶ୍ରୀ ବାରିକଙ୍କ ଭୂମିକା ବେଶ ଉଲ୍ଲେଖନିୟ। ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ବେଶ ପରିଚିତ ବୋଲି ବକ୍ତାଗଣ କହିଥିଲେ କ୍ଷପ୍ରଧାନଶିକ୍ଷକ ପଞ୍ଚାନନ ବାରିକଙ୍କ ମୁଣ୍ଡ ସୁସଜ୍ଜିତ ମୁକୁଟ,ସୁସଜିତ ଗାଡ଼ି ସହ ବାଜାରେ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ବିଦାୟ ଦେଇଥିଲେ।ସ୍କୁଲ ପରିଚାଳନା କମିଟି ସଭାପତି ହରିବନ୍ଧୁ ପ୍ରଧାନ ସହ ସମସ୍ତ ସଦସ୍ୟ ,ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦୁର୍ଗମ ଦୀଗପଦରରେ ଜିଲ୍ଲାପାଳ

# ଆଦିବାସୀ ପରିବାରଙ୍କ ସହ ଆଲୋଚନା

ବୌଦ୍ଧ,୮ ।୬(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସୋମବାର ହରଭଙ୍ଗା ବ୍ଲକ୍ ବାଣୀଭୂଷଣପୁର ପଞ୍ଚାୟତର ଦୁର୍ଗମ ଦୀଗପଦର ଗ୍ରାମ ପଦ ଯାତ୍ରାରେ ଗସ୍ତ କରି ସେଠାକାର ଆଦିବାସୀ ପରିବାରମାନଙ୍କ ସହିତ ମିଶି ସେମାନଙ୍କ ବିଭିନ୍ନ ସମସ୍ୟା ଓ ଜୀବନଜୀବିକା ସମ୍ପର୍କରେ ଆଲୋଚନା କରିଥିଲେ। ଚାରିଛକ ମୁଖ୍ୟାଳୟ ନିକଟରେ ଅବସ୍ଥିତ ହୋଇଥିଲେ ମଧ୍ୟ ରାସ୍ତାଘାଟର ଅଭାବ ଯୋଗୁଁ ପାହାଡ଼କୋଳରେ ଗ୍ରାମଟି ଦୀର୍ଘଦିନ ଧରି ଦୁର୍ଗମଅଞ୍ଚଳ ଭାବେ ପରିଚିତ। ଗ୍ରାମବାସୀଙ୍କ ସହ ଆଲୋଚନା ବେଳେ ସେମାନେ ଗମନାଗମନ ସୁବିଧା ପାଇଁ ରାସ୍ତା ନିର୍ମାଣ ଦାବି ରଖିଥିଲେ। ବିଶେଷକରି ହରିଡାବିଡା ଠାରୁ ରଙ୍ଗମାଟିଆ ଓ ଆଡେଣିଗଡ ପର୍ଯ୍ୟନ୍ତ ପ୍ରାୟ ୧୧ କିଲୋମିଟର ଜଙ୍ଗଲ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଅନୁରୋଧ କରିଥିଲେ। ଗ୍ରାମରେ ଥିବା ସୌରଚାଳିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ମରାମତି ଓ ସଚଳ କରିବା ପାଇଁ ଜିଲ୍ଲାପାଳ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗକୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଗ୍ରାମବାସୀଙ୍କ ଜୀବିକା, କୃଷି କାର୍ଯ୍ୟକଳାପ ଏବଂ ଆୟବୃଦ୍ଧିର ସମ୍ଭାବନା ସମ୍ପର୍କରେ ବୁଝିବା ସହ ଉନ୍ନତ କୃଷି ପଦ୍ଧତି ଓ ବିକଳ୍ପ ଜୀବିକା ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବନ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ରାସନ କାର୍ଡ ଓ ଚାଉଳ ବଣ୍ଟନର ସ୍ଥିତି, ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ଏବଂ ଗ୍ରାମୀଣ ଆବାସ ଯୋଜନାର ସୁବିଧା ଗ୍ରାମବାସୀମାନେ ସଠିକ୍ ଭାବରେ ପାଉଛନ୍ତି କି ନାହିଁ ସେସବୁ ବିଷୟରେ ସିଧାସଳଖ ଭାବେ ପଚାରି ବୁଝିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦୀପଦର ଗ୍ରାମରେ ମାତ୍ର ୧୧ଟି ପରିବାରର ୪୩ ଜଣ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ସେମାନଙ୍କ ମୌଳିକ ସୁବିଧା ଓ ଜୀବନମାନର ଉନ୍ନତି ପାଇଁ ପ୍ରଶାସନ ସଦା ତତ୍ପର ରହିବ ବୋଲି ଜିଲ୍ଲାପାଳ ଆଶ୍ୱାସନା ଦେଇଥିଲେ।ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା, ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟାତ,ଏବିଡିଓ ଏବିଡ଼ିଓ ସତ୍ୟପ୍ରିୟ ସାହୁ, ସହକାରୀ ନିର୍ବାହୀଯନ୍ତ୍ରୀ ହରଭଙ୍ଗା ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ ଜିଲ୍ଲାପାଳଙ୍କୁ ନିଜ ଗ୍ରାମରେ ପାଇ ଗ୍ରାମବାସୀମାନେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ।



## ବୋଲେରୋ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ବୌଦ୍ଧ,୮ ।୬(ସମିସ):ବୌଦ୍ଧ ବଲାଙ୍ଗିର ଜାତୀୟ ରାଜପଥ ନଂ ୫୭ରବୌଦ୍ଧ ଥାନା ଖୁଣ୍ଟବନ୍ଧ କେନାଲ ଛକ ନିକଟରେ ଅଜଣା ବୋଲେରୋ ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗୁଡିଆଳୀ ଗ୍ରାମର କାଳିଆ ବୁଡାଏକ ଓ ସିଲୁ ସାହୁ ନିଜ ଗାଆଁରୁ ଖୁଣ୍ଟବନ୍ଧ ଆଡକୁ ଆସୁଥିବା ବେଳେ ପଛରୁ ଆସୁଥିବା ବୋଲେରୋ ଧକ୍କା ଦେଇ ବୌଦ୍ଧ ଆଡକୁ ଚାଲି ଯାଇଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତର ଖାନା ପଠାଇଥିଲେ। ଜହ୍ନାପଙ୍କ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସିକେରକୁପା ପୋଲରେ ଟ୍ରେଲର ଦୁର୍ଘଟଣା

# ୯ ଘଣ୍ଟା ପରେ ଯାତାୟତ ସ୍ୱାଭାବିକ

**ଲାଞ୍ଜିଗଡ଼, ୮।୬ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନିପାଟଣା-ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ସିକେରକୁପା ଅଣ-ଓସାରିଆ ପୋଲରେ ରବିବାର ବିଳମ୍ବିତ ରାତିରେ ଏକ ଲୁହା ଛଡ଼ ବୋଝେଇ ଟ୍ରଲର ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ପ୍ରାୟ ୯ ଘଣ୍ଟା ଧରି ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥର ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ସୂଚନା ଅନୁଯାୟୀ, ଛତିଶଗଡ଼ର ରାୟପୁରୁ ଠାରୁ ବିଶାଖାପାଟଣା ଆଡ଼କୁ ଯାଉଥିବା ସିଜି୦୪ଏମଇ-୯୫୯୭ ନମ୍ବର ବିଶିଷ୍ଟ ଟ୍ରେଲର ପୋଲ ଉପରେ ସୃଷ୍ଟି ହୋଇଥିବା ବଡ଼ ଗାତରେ ପଡ଼ିଯାଇଥିଲା। ଟ୍ରଲରଟି ରାସ୍ତା ମଝିରେ ଅଟକି ରହିବାରୁ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଥିଲା। ଖବର ପହଞ୍ଚିବା ପରେ ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀମୋହନ ପିଡିକାଙ୍କ ନେତୃତ୍ୱରେ ପୁଲିସ ବାହିନୀ ପହଞ୍ଚିବା ପରେ ଦୁଇଟି ହାଇଡ୍ରା ସାହାଯ୍ୟରେ ଟ୍ରଲରଟିକୁ ରାସ୍ତା କଡ଼କୁ ହଟାଯିବା ପରେ ସୋମବାର ସକାଳେ ପ୍ରାୟ ୯ ଘଣ୍ଟା ପରେ ଯାତାୟତ ସ୍ୱାଭାବିକ ହୋଇପାରିଥିଲା। ପୂର୍ତ୍ତ ବିଭାଗର ଚରମ ଉଦାସୀନତା ଓ ବେପରୁଆ ମନୋଭାବ ଯୋଗୁଁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ପୋଲର ମରାମତି କରିବାକୁ ସରକାରଙ୍କ ନିକଟରେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ଚାକଚକ୍ୟ ରାସ୍ତାରେ ମୃତ୍ୟୁ ଫାଶ

# ବିପଦସଂକୁଳ ଅବସ୍ଥାରେ ଆମପାଣି ଏନ୍ଏଚ୍ ପୋଲ

**କୋକସରା, ୮।୬(ସମିସ)**

ଜାତୀୟ ରାଜପଥରେ ବସିଛି ମରଣଯନ୍ତା। ବରଗଡ଼ରୁ ବୋରିଗୁମ୍ମାକୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥର କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଠାରେ ଥିବା ଏକ ପୁରୁଣା ପୋଲ ଏବେ ଚରମ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପୋଲର ଗୋଟିଏ ପାର୍ଶ୍ୱରେ ସୁରକ୍ଷା ବାଡ଼ ରହିଥିବା ବେଳେ ଅନ୍ୟପାର୍ଶ୍ୱଟି ସମ୍ପୂର୍ଣ୍ଣ ସୁରକ୍ଷା ବାଡ଼ ଶୂନ୍ୟ ହୋଇ ପଡ଼ିରହିଛି। ଯାହାଫଳରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଓ ଗାଡ଼ି ଚାଳକମାନେ ପ୍ରତି ମୂହୁର୍ତ୍ତରେ ଭୟ ଓ ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ସୂଚନା ଅନୁସାରେ, ଗତ ୨୦୧୭ ମସିହାରେ ଜୟପୁର ଜାତୀୟ ରାଜପଥ ବିଭାଗ ଦ୍ୱାରା ଏହି ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ କରାଯାଇଥିଲା। ବିଭାଗୀୟ ତତ୍ପରତାରେ ସାରା ରାସ୍ତା ଚାକଚକ୍ୟ ରୂପ ନେଇଥିଲେ ହେଁ, କୌଣସି କାରଣରୁ ଆମପାଣି ମୁଖ୍ୟ ରାସ୍ତାରେ ଥିବା ପୁରୁଣା ପୋଲଟିର ମରାମତି କିମ୍ବା ନୂତନ ନିର୍ମାଣ କରାଯାଇ ନଥିଲା। ଠିକା ସଂସ୍ଥା ଏହି ଗୁରୁତ୍ୱପୂର୍ଣ୍ଣ ପୋଲ କାମକୁ ଅଧାରୁ ଛାଡ଼ି ଚାଲି ଯାଇଥିବା ବେଳେ ଏବେ ଲୋକଙ୍କ ପାଇଁ ବିପଦ ଆମନ୍ତ୍ରଣ କରୁଛି। ରାସ୍ତା ପ୍ରଶସ୍ତ, ପୋଲ ସଂକୀର୍ଣ୍ଣ ସମ୍ପ୍ରସାରଣ ଯୋଗୁଁ ଜାତୀୟ ରାଜପଥ ତ'ପ୍ରଶସ୍ତ ହୋଇଗଲା, କିନ୍ତୁ ପୋଲ ପୂର୍ବଭଳି ସଂକୀର୍ଣ୍ଣ (ଖୁବ୍ କମ୍ ଚଉଡ଼ା) ହୋଇ ରହିଗଲା। ଫଳରେ ଦ୍ରୁତଗତିରେ ଆସୁଥିବା ଗାଡ଼ିଗୁଡ଼ିକ ପୋଲ ନିକଟରେ ହଠାତ ନିୟନ୍ତ୍ରଣ ହରାଇ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ଜାତୀୟ ରାଜପଥ ହୋଇଥିବାରୁ ଏହି ରାସ୍ତା ଦେଇ ଦିନରାତି ହଜାର ହଜାର ଛୋଟବଡ଼ ଯାନବାହାନ ସହ ପ୍ରଶାସନିକ ଗାଡ଼ି ଚଳାଚଳ କରିଥାଏ। ବିଶେଷ କରି ରାତି ସମୟରେ ଅନ୍ଧାର ଯୋଗୁଁ ଯଦି କୌଣସି ଭାରିଯାନ କିମ୍ବା ଚାରିଚକିଆ ଯାନର ଚାଳକ ସାମାନ୍ୟ ଅସାବଧାନ ହୁଅନ୍ତି, ତେବେ ଗାଡ଼ିଟି ସୁରକ୍ଷା ବାଡ଼ ନଥିବା ପାର୍ଶ୍ୱକୁ ଖସି ବଡ଼ଧରଣର ଦୁର୍ଘଟଣା ଘଟିବା ସୁନିଶ୍ଚିତ। ଏହି ସମସ୍ୟାର ସମାଧାନ ପାଇଁ ଆମପାଣି ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳବାସୀ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଗୁହାରି କରି ଆସୁଛନ୍ତି। ତଥାପି ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପ୍ରଶାସନର ଏଭଳି ଦାୟିତ୍ୱହୀନତାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜାତୀୟ ରାଜପଥ ବିଭାଗ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ପୋଲର ନୂତନ ନିର୍ମାଣ କିମ୍ବା ସୁରକ୍ଷା ବାଡ଼ ସହ ମରାମତି କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଫରଙ୍ଗ ପଞ୍ଚାୟତରେ ଜନଶୁଣାଣି ଶିବିର

# ୧୧୯ଟି ଅଭିଯୋଗରୁ ୪୧ ତତ୍କାଳ ସମାଧାନ

**ଧର୍ମଗଡ଼/ଗୋଲାମୁଣ୍ଡା, ୮।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଫରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସମୀକ୍ଷା ଓ ପ୍ରତ୍ୟକ୍ଷ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା। ଶିବିରରେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯିବା ସହ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପ୍ରୟାସ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସମେତ ବିଡିଓ ତ୍ରିପୁର ମହାନନ୍ଦ, ସ୍ଥାନୀୟ ସରପଞ୍ଚ ହୀରାବତୀ ଭୋଇ ଏବଂ ସମିତି ସଭ୍ୟା ଅପର୍ଣ୍ଣା ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ଅଧିକାରୀସ୍ତରରେ ରାଜସ୍ୱ ନିରୀକ୍ଷକ କ୍ଷମାନିଧି ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରହାସ୍ୟ ସାହୁ, ଗ୍ରାମୀଣ ଆବାସ ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ମଧୁ ସାହୁ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ରିତାରାଣୀ କିଷାନ, ସହକାରୀ ମତ୍ସ୍ୟ ଅଧିକାରୀ ବନ୍ଦନା ରାନୀ ପଣ୍ଡାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ସମୁଦାୟ ୧୧୯ ବ୍ୟକ୍ତିଗତ ଅଭିଯୋଗ ପଞ୍ଜିକୃତ ହୋଇଥିଲା।୪୧ଟି ଅଭିଯୋଗର ଶିବିରସ୍ଥଳରେ ତତ୍କାଳ ସମାଧାନ କରାଯାଇଛି। ଗ୍ରାମୀଣ ଆବାସ ଗୃହ ପାଇଁ ୮୮ ଆବେଦନ ମିଳିଛି। ବାର୍ଦ୍ଧକ୍ୟ ଭତ୍ତା ପାଇଁ ୨୨ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଏହି ଅବସରରେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ତରଫରୁ ଫରଙ୍ଗ ଗ୍ରାମର ଜଣେ ଅନାଥ (ବାପା, ମାଁ ନଥିବା) ଦିବ୍ୟାଙ୍ଗ ଯୁବକ ଅମରେଶ ବାଗ (୩୨)ଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରାଯାଇଥିଲା।



# ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

**ଜୁନାଗଡ଼, ୮।୬(ସମିସ):** ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବା ମଞ୍ଚ ଆନୁକୂଲ୍ୟରେ ମାରୱାଡ଼ି ଯୁବା ମଞ୍ଚ ଜୁନାଗଡ଼ ଶାଖା ପକ୍ଷରୁ ସୋମବାର ସ୍ଥାନୀୟ ଅଗ୍ରସେନ ଭବନରେ 'ମହା ରକ୍ତଦାନ ଅଭିଯାନ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ରକ୍ତଭଣ୍ଡାରର କର୍ମଚାରୀମାନେ ଶିବିରରୁ ୨୭ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ୫ରୁ ୧୪ ଜୁନ୍ ପର୍ଯ୍ୟନ୍ତ ଚାଲିଥିବା ଅଭିଯାନ ଅଧୀନରେ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ସୃଜନ ସଖା, ମହିଳା ମଞ୍ଚ ଓ ମାରୱାଡ଼ି ସମ୍ମିଳନ ଜୁନାଗଡ଼ ଶାଖା ସହଯୋଗ କରିଥିଲେ। ଗୋପାଳ ମିତ୍ତଲ ଶିବିର ପରିଚାଳନାରେ ସହଯୋଗ କରିଥିଲେ।ମାରୱାଡ଼ି ଯୁବା ମଞ୍ଚ ଜୁନାଗଡ଼ ଶାଖା ସଭାପତି ତୁଷାର ଖେମକା, ସମ୍ପାଦକ ସ୍ୱରାଜ ଇଣ୍ଡିଆନ୍ ଓ ରକ୍ତଦାନ ସଂଯୋଜକ ସାହିଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ବ୍ଲଡ୍ ଡୋନେସନ କନଭେନର ପ୍ରଣବ ଗୋଏଲ ଓ ମେଡିକାଲ ଇକ୍ୟୁପମେଣ୍ଟ କନଭେନର ଶଶୀରାଜ ଅଗ୍ରୱାଲ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଯୁବକ, ଯୁବତୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।



# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ଘଟଣାରେ ୫ଗିରଫ



**ମ.ରାମପୁର, ୮।୬ (ସମିସ):** କଳାହାଣ୍ଡି ଜିଲ୍ଲା.ମ.ରାମପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଗତ ୬ତାରିଖ ଦିନ ପୁରୁଣା ଲୁହା ଗେଟ୍ ଓ ଝରକା ଚୋରି ହୋଇଥିବା ନେଇ ମ.ରାମପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ଚଢ଼ଉ କରି ଏକ କାବାଡି ଦୋକାନରୁ ଚୋରି ସାମଗ୍ରୀ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।ପୁଲିସ ଦୁଇଟି କାବାଡି ଦୋକାନରୁ ୪କ୍ୱିଇଣ୍ଟାଲ ୫୦ କିଲୋଗ୍ରାମ ଚୋରି ଲୁହା ସାମଗ୍ରୀ ଜବତ କରିଛି। ଏ ନେଇ ଥାନା କେସ ନମ୍ବର-୧୪୯/ ୦୭.୬.୨୦୨୬ରେ ମାମଲା ରୁଜୁ କରିଛି। ଚୋରିରେ ସମ୍ପୃକ୍ତ ୩ ଜଣ ମ. ରାମପୁରର ରମେଶ ନାୟକ, ଅମନ ସେଠ, ଶିବ ବାଗ ଏବଂ ଚୋରି ସାମଗ୍ରୀ କିଣିଥିବା କାବାଡି ଦୋକାନ ମାଲିକ ନୟାଗଡ଼ର ପ୍ରଶାନ୍ତ ସ୍ୱାଇଁ ଓରଫ ଟୁକୁନା ଓ ଆନନ୍ଦ ରାଉତକୁ ମିଶାଇ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ଚୋରି ସାମଗ୍ରୀ ପରିବହନରେ ବ୍ୟବହୃତ ୩ଟି ଗାଡ଼ି ମଧ୍ୟ ଜବତ କରାଯାଇଛି। ପ୍ରକାଶ ଥାଉକି ମ. ରାମପୁରରେ ଯେଉଁ ଦିନ ଠାରୁ କାବାଡି ଦୋକାନ ଖୋଲାଯାଇଛି ସେହି ଦିନ ଠାରୁ ଲୁହା ସାମଗ୍ରୀ ଚୋର ସକ୍ରିୟ ରହୁଛନ୍ତି।

## ତାର ଚୋରି ବେଳେ ୨ ଗିରଫ

# ବାଇକ୍ ସହ ୫୪ କେଜି ତମ୍ବା ତାର ଜବତ

**କୋମନା, ୮।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ପୁଲିସ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ଜିଓ ଟାୱାରରୁ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ଏବଂ ସ୍ଥାନୀୟ ଟେକ୍ନିସିଆନଙ୍କ ମିଳିତ ଉଦ୍ୟମରେ ୨ ଆନ୍ତଃଜିଲ୍ଲା ଚୋରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ତମ୍ବା ତାର ଏବଂ ଚୋରିରେ ବ୍ୟବହୃତ ଗାଡ଼ି ଓ ମୋବାଇଲ୍ ଜବତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ୭ତାରିଖ ରାତ୍ରି ପ୍ରାୟ ୨ଟା ସମୟରେ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ ଦଳଦଲି ଗ୍ରାମ ପାଖରେ ଥିବା ଜିଓ ଟାୱାରରୁ ଚୋରି ହେଉଛି। ଖବର ପାଇବା କ୍ଷଣି ଜିଓ ଟେକ୍ନିସିଆନ୍ ପ୍ରଦୀପ ମାଝୀ, ଶରତ ନାଏକ ଏବଂ ଅନ୍ୟାନ୍ୟ ସହଯୋଗୀଙ୍କ ସହ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଦୁଇ ଜଣ ଅଜଣା ବ୍ୟକ୍ତି ଅନ୍ଧାର ଭିତରେ ଟାୱାରର ଜେନେରେଟର ଖୋଲୁ ଥିବା ଏବଂ ଚୋରି ପାଇଁ ଆଣିଥିବା ପାନା, ସ୍ପେନର ଓ ସ୍କ୍ରୁ-ଡ୍ରାଇଭର ସହ ଧରାପଡ଼ିଥିଲେ। ସେମାନଙ୍କୁ କାବୁ କରିବା ପରେ କୋମନା ପୁଲିସ ଜିମା ଦିଆଯାଇଥିଲା।ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତଙ୍କ ଠାରୁ ନିମ୍ନଲିଖିତ ସାମଗ୍ରୀ ଜବତ କରିଛି।୫୪ କେଜି ତମ୍ବା ତାର, ବାଇକ୍, ମୋବାଇଲ୍, ବ୍ୟବହୃତ ସ୍ପେନର, ସ୍କ୍ରୁ-ଡ୍ରାଇଭର, ଚପଲ, ନଟ୍ ବୋଲ୍ଟ ଏବଂ ଟାଙ୍ଗିଆ। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ବଲାଙ୍ଗିର ଜିଲ୍ଲା ବେଲାପଡ଼ା ଥାନା ଘାଗରାଗ୍ରାମର ବୋଲି ଜଣାପଡ଼ିଛି। ସେମାନେ ହେଲେ ଯଦୁ ରୋହିଦାସ (୨୪), ଚନ୍ଦା ମାଝୀ (୧୯)। ସେମାନଙ୍କ ନାମରେ ଜୋଙ୍କ ଥାନା କେସ୍ ନଂ-୧୯୪/୨୦୨, ଲାଠୋର ଥାନା କେସ୍ ନଂ-୨୦୯/୨୦୨ ରେ ମାମଲା ରହିଛି। ଏହି ସମ୍ପର୍କରେ କୋମନା ଥାନାରେ କେସ୍ ନଂ୧୮୮, ୭.୬.୨୦୨ଅନୁଯାୟୀ ମାମଲା ରୁଜୁ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ କ୍ଷୀରେଶ୍ୱର ସାହୁ, କୋମନା ଥାନା ଅଧିକାରୀ ରଶ୍ମିତା ପ୍ରଧାନ, ଲଖନା ଥାନା ଅଧିକାରୀ ରଞ୍ଜନ ନାୟକ, ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।



# ଯୁବକଙ୍କୁ ଛୁରା ମାଡ଼

**ଭବାନୀପାଟଣା, ୮।୬ (ସମିସ):** ଭବାନୀପାଟଣା ଶବରପଡ଼ାରେ ରବିବାର ରାତିରେ ଜଣେ ଯୁବକଙ୍କୁ ଛୁରା ମାଡ଼ ହୋଇଛି। ଯୁବକଙ୍କ ନାମ ଶିବ ପ୍ରସାଦ ନାଏକ (୨୫)ବୋଲି ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ଶିବ ପ୍ରସାଦଙ୍କ ପଛ ପଟ ପିଠିର ୩ ଟି ସ୍ଥାନରେ ଛୁରା ମାଡ଼ ହୋଇଛି। ତେବେ କେଉଁ କାରଣରୁ ତାଙ୍କୁ ଛୁରା ମାଡ଼ ହୋଇଛି ଓ କିଏ ମାରିଛି ତାହା ଜଣାପଡ଼ିନାହିଁ। ଅନ୍ୟପଟେ ଏହି ଘଟଣାରେ ଟାଉନ ଥାନା ପୁଲିସ ମାମଲା ନଂ (୨୩୨/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବାସନ୍ତୀଙ୍କୁ ଦାଉ ସାଜିଲା କାଳବୈଶାଖୀ

# ଭାଙ୍ଗିଲା ଆଜବେଷ୍ଟସ୍ ଛାତ; ଉଜାଡିଦେଲା ଘର

**ଗୋଲାମୁଣ୍ଡା, ୮।୬ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ କାଳବୈଶାଖୀର କରାଳରୂପ ଦେଖିବାକୁ ମିଳିଛି। ବ୍ଲକ ଅନ୍ତର୍ଗତ ନକଟିକାନୀ ପଞ୍ଚାୟତ ପତିଏଲପଡ଼ା ଗ୍ରାମର ବାସନ୍ତି ମାଝୀର ଘର କାଳବୈଶାଖୀ ଜନିତ ବର୍ଷା ପବନରେ ଆଜବେଷ୍ଟସ ଛାତ ଉଡ଼ି ଚୁରମାର ହୋଇଥିବା ବେଳେ ଅଳ୍ପକେ ବଞ୍ଚିଗଲେ ବାସନ୍ତୀ ମାଝୀ। ସୋମବାର ଅପରାହ୍ନ ୩ଘଣ୍ଟା ସମୟରେ କାଳବୈଶାଖୀ ଜନିତ ବର୍ଷା ହେବା ସମୟରେ ବାସନ୍ତୀ ଓ ତାଙ୍କ ୪ ପୁଅଝିଅ ସହିତ ଘରେ ଥିବାବେଳେ ଜୋର୍‌ରେ ପବନ ସହ ବର୍ଷା ହେବା ଫଳରେ ଆଜବେଷ୍ଟସ୍ ଭାଙ୍ଗି ଚୁରମାର ହେବା ସହିତ ବାସନ୍ତୀ ମାଝୀଙ୍କ ଗୋଡ଼ରେ ବାଜିଥିବା ସୁଚନା ମିଳିଛି। ଅଦିନିଆ ବର୍ଷାରେ ଘର ଭାଙ୍ଗି ବେସାହାରା ହୋଇପଡ଼ିଛି ବାସନ୍ତୀଙ୍କ ପରିବାର। ବେସାହାରା ହୋଇଥିବା ବାସନ୍ତୀ ମାଝୀଙ୍କୁ ସରକାର ପକ୍ଷରୁ ସହାୟତା ଯୋଗାଇ ଦେବା ଲାଗି ସାଧାରଣରେ ଦାବି ହେଉଛି।



## ମାଁ ଭୈରବୀ ଫ୍ଲଡ୍‌ଲାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଚମ୍ପାଦେଇପୁର ଚାମ୍ପିଅନ

**ଲାଞ୍ଜିଗଡ଼, ୮।୬ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କାନକୁଟ୍ରୁ ପଞ୍ଚାୟତ ମୁସ୍କୁଟିଗ୍ରାମ ଖେଳ ପଡ଼ିଆରେ ମାଁ ଭୈରବୀ ଫ୍ଲଡ୍‌ଲାଇଟ ନାଇଟ ସାର୍କିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜନ-୨ ଶନିବାର ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ମ୍ୟାଚ୍ ଚଳିତ ମାସ ଜୁନ ୪ରେ ଆରମ୍ଭ ହୋଇ ୬ ତାରିଖରେ ମଧ ରାତ୍ରିରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ରାତ୍ରିରେ ଫାଇନାଲ ମ୍ୟାଚ୍ ଭବାନୀପାଟଣା ଏମ୍‌ଟିସି ୭ ଓ ଚମ୍ପାଦେଇପୁର ଦଳ ମଧ୍ୟରେ ହୋଇଥିଲା। ଚମ୍ପାଦେଇପୁର ଦଳ ଟସ ଜିତିଥିଲେ ମଧ କରି ଫିଲ୍ଡିଂ ନିଷ୍ପତ୍ତି ନେଇ ଏମଟିସି ୭ ଭବାନୀପାଟଣାକୁ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ଏମଟିସି-୭ ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୧୧୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ଚମ୍ପାଦେଇପୁର ୬ ଓଭର ୨ବଲ ଖେଳି ୧୧୯ ରନ୍ ସଂଗ୍ରହ କରି ଏମଟିସି-୭ ଦଳରୁ ବିଜୟ ହାସଲ କରିଥିଲା। ଖେଳ ଟିମ୍ ସଭାପତି ନବୀନ, ଉପସଭାପତି ଧନୁର୍ଯ୍ୟ ବିଶି, ସମ୍ପାଦକ ଉମାକାନ୍ତ ବନ୍ଧପାରିଆ, ଆୟୋଜକ ସୋମନାଥ ବିଶି, ପପିନ ବନ୍ଧପାରିଆ, ନରେନ୍ଦ୍ର ବିଶି, ଅରୁଣ, ଟିକେ, ପ୍ରଭାକର, କିଶୋର, ଉମା, କାନ୍ହା, ନୀଳ ମାଝୀ ବିଶେଷ କାର୍ଯ୍ୟ ତୁଲାଇଥିବା ବେଳେ ବିଶିକେଶନ ହରପାଲ, ବେଣୁଧର ବାଗ, ଶାଶ୍ୱତ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ବିଜେତାଙ୍କୁ ୧୫.୫୫୫ ନଗଦ ଅର୍ଥ ରାଶି ସହିତ ଟ୍ରଫି ଓ ଉପବିଜେତା ଦଳକୁ ୧୦ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାନ ଅଫଦି ମ୍ୟାଚ୍ ରିଙ୍କୁ, ମ୍ୟାନ୍ ଅଫ ଦି ସିରିଜ ବାଦଲ ଓ ବେଷ୍ଟ ଡିସିପ୍ଲିନ୍ ଦଳ ଭାବେ ଏମଟିସି-୭ ପୁରସ୍କାର ପାଇଥିଲେ। ଉକ୍ତ ରାତ୍ରିକାଳୀନ ଟୁର୍ନାମେଣ୍ଟରେ ସ୍ପୋର୍ଟ୍ସ ଚାମ୍ପିଅନ ୟୁଟ୍ୟୁବ ଚେନାଲ ଦ୍ୱାରା ପ୍ରଥମ ଦିନରୁ ଅନ୍ତିମ ଦିନ ପର୍ଯ୍ୟନ୍ତ ଖେଳର ସିଧାପ୍ରସାରଣ କରାଯାଇଥିଲା।

## କିନ୍ନର ସମାଜରେ ନୂତନ ସଦସ୍ୟଙ୍କ ସାମିଲ

# ବିଶାଳ ଶୋଭାଯାତ୍ରା ଓ ପୂଜାର୍ଚ୍ଚନା

**ଧର୍ମଗଡ଼, ୮।୬(ସମିସ):** କିନ୍ନର (ତୃତୀୟ ଲିଙ୍ଗୀ) ସମାଜର ନିଜସ୍ୱ ସାମାଜିକ ପରମ୍ପରା, ରୀତିନୀତି ଓ ଆଧ୍ୟାତିକ ବିଶ୍ୱାସ ରହିଛି। ଏହି ପରମ୍ପରା ଅନୁଯାୟୀ ଜଣେ ନୂତନ ସଦସ୍ୟ ସମାଜରେ ଯୋଗ ଦେଲେ ତାଙ୍କୁ ତୁରନ୍ତ ମୁଖ୍ୟ ସ୍ରୋତରେ ସାମିଲ କରାଯାଏ ନାହିଁ। ପ୍ରଥମେ ସମାଜର ନିୟମ ଅନୁସାରେ ୨୧ ଦିନ ପର୍ଯ୍ୟନ୍ତ ତାଙ୍କୁ ଏକ ସ୍ୱତନ୍ତ୍ର କୋଠରୀରେ ରଖାଯାଇଥାଏ ଏବଂ ଏହି ସମୟ ମଧ୍ୟରେ ସେମାନଙ୍କ ଆରାଧ୍ୟ ଦେବୀ ମା' ମଙ୍ଗଳମୁଖୀଙ୍କ ନିକଟରେ ନିରନ୍ତର ପୂଜାର୍ଚ୍ଚନା କରାଯାଇଥାଏ। ୨୧ ଦିନର ଏହି ଧାର୍ମିକ ଓ ସାମାଜିକ ପ୍ରକ୍ରିୟା ସମାପ୍ତ ହେବା ପରେ ଅଞ୍ଚଳର ବିଭିନ୍ନ ସ୍ଥାନର କିନ୍ନର ସମ୍ପ୍ରଦାୟର ସଦସ୍ୟମାନେ ଏକତ୍ରିତ ହୋଇ ମହାପୂଜା ଓ ସ୍ୱାଗତ ଉତ୍ସବର ଆୟୋଜନ କରିଥାନ୍ତି। ଏହାପରେ ନୂତନ ସଦସ୍ୟଙ୍କୁ ଆନୁଷ୍ଠାନିକ ଭାବେ କିନ୍ନର ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଏ। ଧର୍ମଗଡ଼ କିନ୍ନର ସମାଜ ପକ୍ଷରୁ ନୂତନ ସଦସ୍ୟଙ୍କ ସ୍ୱାଗତ ଅବସରରେ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସଦସ୍ୟମାନେ ଆନନ୍ଦ ଓ ଉତ୍ସାହର ସହ ନାଚଗୀତ କରି ସହର ପରିକ୍ରମା କରିଥିଲେ। ପରେ ମା' ଭଣ୍ଡାରଘରଣୀଙ୍କ ମନ୍ଦିରରେ ପହଞ୍ଚି ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସମାଜର ମୁଖ୍ୟ ସ୍ରୋତରୁ ଅନେକ ସମୟରେ ଦୂରେଇ ରହୁଥିବା କିନ୍ନର ସମ୍ପ୍ରଦାୟର ଏହି ସକାରାତ୍ମକ ଓ ସାମାଜିକ ସଦ୍‌ଭାବନାର ପଦକ୍ଷେପ ଧର୍ମଗଡ଼ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।



## ଆକାଶବାଣୀ ପକ୍ଷରୁ ସୁଗମ ସଙ୍ଗୀତ କାର୍ଯ୍ୟକ୍ରମ

# ୯୦ ବର୍ଷରେ ପାଦ ଥାପିଛି ଆକାଶବାଣୀ

**ଭବାନୀପାଟଣା, ୮।୬(ସମିସ)**

୯୦ ବର୍ଷରେ ପାଦ ଥାପିଛି ଆକାଶବାଣୀ। ୧୯୩୬ରୁ ୨୦୨୬ ପର୍ଯ୍ୟନ୍ତ ନଅ ଦଶନ୍ଧିର ସୁନେଲି ଯାତ୍ରା ଶବ୍ଦ, ସଙ୍ଗୀତ ଓ ସ୍ୱରର ବେତାର ତରଙ୍ଗ ମାଧ୍ୟମରେ କୋଟି କୋଟି ହୃଦୟକୁ ଛୁଇଁଛି। ଏହି ବିଶେଷ ଅବସରରେ ଆକାଶବାଣୀ ଭବାନୀପାଟଣା ପକ୍ଷରୁ ସ୍ଥାନୀୟ ଟାଉନହଲ୍‌ରେ ୯୦ ବର୍ଷର ଗୌରବମୟ ଯାତ୍ରା 'ନବତି ଗୌରବାନ୍ୱୟୀ' ଅବସରରେ ଏକ ସୁଗମ ସଙ୍ଗୀତ ସମାରୋହ ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ଆକାଶବାଣୀର ସିଗ୍ନେଚର ଟ୍ୟୁନ୍ ଓ ବନ୍ଦେ ମାତରମ୍ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅନୁଷ୍ଠାନର ଉପନିର୍ଦ୍ଦେଶକ (ଯାନ୍ତ୍ରିକ) ତଥା ଆଞ୍ଚଳିକ ଚ୍ୟାନେଲ୍ ମେନେଜର୍ ମଦନ କୁମାର ସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଆକାଶବାଣୀର ଗୌରବମୟ ଇତିହାସ ଓ ଜନସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପଦ୍ମଶ୍ରୀ ପଟ୍ଟାୟତ ସାହୁ, ବରିଷ୍ଠ ସାମ୍ବାଦିକ ତଥା ଆକାଶବାଣୀର ସାମୟିକ ସମ୍ବାଦଦାତା ଉମାଶଙ୍କର କର, ବିଶିଷ୍ଟ ଲୋକସଂସ୍କୃତି ଗବେଷକ ତଥା ଆକାଶବାଣୀର ପୂର୍ବତନ ଉପସ୍ଥାପକ ପରମେଶ୍ୱର ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆକାଶବାଣୀର ଚିରନ୍ତନ ପ୍ରାସଙ୍ଗିକତା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଆକାଶବାଣୀର ନିୟମିତ ଶ୍ରୋତା ଚିତ୍ରସେନ ଶବର, ମନୋଜ ପଟେଲ, ସୀମାଞ୍ଚଳ ଶବର ଓ କ୍ଷମାସାଗର ସାହୁ, ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ବରିଷ୍ଠ କଳାକାର ଶଶାଙ୍କ ଶେଖର ମହାପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବରିଷ୍ଠ ଉଦ୍‌ଘୋଷକ ସଚ୍ଚିଦାନନ୍ଦ ମଲ୍ଲିକ ସଭା ପରିଚାଳନା କରିଥିବା ବେଳେ ସାମୟିକ ଉଦଘୋଷିକା ନମିତା ମିଶ୍ର ମନ୍ତ୍ରୋଚ୍ଚାରଣ କରିଥିଲେ। ସମାରୋହର ଦ୍ୱିତୀୟ ପର୍ଯ୍ୟାୟରେ ସାମୟିକ ଉପସ୍ଥାପିକା ଶେଫାଳୀ ମହାପାତ୍ର ଓ ସାମୟିକ ଉପସ୍ଥାପକ ସୌରଭ ମହାପାତ୍ରଙ୍କ ସଂଯୋଜନାରେ ସୁଗମ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ମନୋରଞ୍ଜନ ପାଢ଼ୀଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ଅନିନ୍ଦିତା ରଥ, ମୌସୁମୀ ସୁନାନୀ, ବିରଞ୍ଚି ନାରାୟଣ ବାହିନୀପତି ଓ ଅଭିଷେକ ପୁରୋହିତ ସୁଗମ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ନିଷ୍ପାଦକ ଶ୍ୟାମକୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆକାଶବାଣୀ ଭବାନୀପାଟଣାର କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ, ପାଠାଗାର ଅଧିକାରୀ ଦିଲୀପ କୁମାର ପାତ୍ରଙ୍କ ସମେତ କେନ୍ଦ୍ରର ସମସ୍ତ କର୍ମଚାରୀ, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଓ ବହୁ ଶ୍ରୋତା ଉପସ୍ଥିତ ଥିଲେ। ୯୦ ବର୍ଷର ଯାତ୍ରାରେ ବୈଷୟିକ ପରିବର୍ତ୍ତନ ସତ୍ତ୍ୱେ ଆକାଶବାଣୀ ପ୍ରତି ଲୋକଙ୍କ ଅମଳିନ ଆନ୍ତରିକତା ଉତ୍ସବରେ ସ୍ପଷ୍ଟ ପ୍ରତିଫଳିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ପ୍ରାରମ୍ଭିକ ପର୍ବ ସ୍ୱରୂପ ଶନିବାର ସକାଳେ ଆକାଶବାଣୀ ଭବାନୀପାଟଣା ପରିସରରୁ ଏକ ୱାକାଥନ୍ ବାହାରି ସହର ପରିକ୍ରମା କରିଥିଲା। ଏଥିରେ କେନ୍ଦ୍ରର ସମସ୍ତ କର୍ମଚାରୀ, ସାମୟିକ ଉପସ୍ଥାପକ, ଉପସ୍ଥାପିକା, ଉଦଘୋଷକ, ଉଦଘୋଷିକା ଏବଂ ସିଆରପିଏଫ୍ ୬୪ ବାଟାଲିୟନର ଯବାନମାନେ ଯୋଗ ଦେଇଥିଲେ।



# ସାନକେଲୋ ନଦୀ ଜଳପ୍ରବାହ ଅବରୋଧ ବନ୍ଦ କରି ପାଣି ସୁନିଶ୍ଚିତ କରିବାକୁ ଦାବି

ଝାରସୁଗୁଡ଼ା, ୮।୬(ସମିସ)

ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ, ଓଡ଼ିଶା ଛତିଶଗଡ଼ ତରଫରୁ ଝାରସୁଗୁଡ଼ାଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ କହିଛନ୍ତି ଯେ, ଛତିଶଗଡ଼ ସରକାର ଅସହାୟ ଓଡ଼ିଶା ରାଜ୍ୟ ସରକାରଙ୍କୁ ଧୋକା ଦେଇ ଟ୍ରିବ୍ୟୁନାଲ ସଙ୍ଗେ ଛଳନା କରି, ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବାହ ବନ୍ଦ କରିବା ଫଳରେ କେନ୍ଦ୍ର ଓ ରାଜ୍ୟର ଟ୍ରିପଲ ଇଞ୍ଜିନ ସରକାର ଓଡ଼ିଶା ଜନସାଧାରଣଙ୍କ ପ୍ରତି ବିଶ୍ୱାସଘାତକତା କରି, ଟ୍ରିବ୍ୟୁନାଲ ଦ୍ୱାରା ଆପୋଷ ମିଳାମିଶା ନାମରେ ମହା ସଂକଟକୁ ଆମନ୍ତ୍ରଣ କରିବାକୁ ପ୍ରୟାସ କରୁଛନ୍ତି।

ବିଶେଷଜ୍ଞମାନଙ୍କ ମତରେ ଟ୍ରିବ୍ୟୁନାଲର ପ୍ରଦତ୍ତ ତଥ୍ୟ ଓଡ଼ିଶା ଓ ମହାନଦୀ ପ୍ରତି ବିଶ୍ୱାସଘାତକତା। ଟ୍ରିବ୍ୟୁନାଲ ପାଖରେ ମିଥ୍ୟା ତଥ୍ୟ ପ୍ରଦାନ କରାଯାଉଛି। ବର୍ଷରେ ହାରାହାରି ମହାନଦୀ ବେସିନର ଯଦି ୬୨.୩୬ ନିୟୁତ ଏକର ଫୁଟ ପାଣି, ନରାଜରେ ୫୬.୨୯ ନିୟୁତ ଏକର ଫୁଟ ପାଣି, ହୀରାକୁଦ ଉପର ମୁଣ୍ଡରେ ୩୨.୮୩ ନିୟୁତ ଏକର ଫୁଟ ପାଣି ଏବଂ ଛତିଶଗଡ଼ ଓ ଓଡ଼ିଶା ସୀମାରେ ୨୮.୪୮ ନିୟୁତ ଏକର ଫୁଟ ପାଣି ମହଜୁଦ ଅଛି, ତେବେ ଗ୍ରୀଷ୍ମ ଋତୁରେ ଓଡ଼ିଶାବାସୀ କାହିଁକି ଜଳକଷ୍ଟ ଭୋଗୁଛନ୍ତି? ବାର୍ଷିକ ହାରାହାରି ତଥ୍ୟ ଭିତରେ ଓଡ଼ିଶାର ଅଣମୌସୁମୀ ସମୟର ଦୁଃଖ ଲୁଚି ଯାଉଛି ଓ ସରକାରଙ୍କୁ ଏହା ଦେଖା ନଯିବା ଦୁର୍ଭାଗ୍ୟଜନକ।

୨୦୧୫ ପରେ ଚଳିତବର୍ଷ ସବୁଠୁ ବଡ଼ ମରୁଡ଼ି ଓ ଜଳାଭାବର ଆଶଙ୍କା, ମୌସୁମୀ ବର୍ଷା ଅଭାବରୁ ଏହାର ବଡ଼ ପ୍ରଭାବ କୃଷିକ୍ଷେତ୍ର ଉପରେ ପଡ଼ିବ। ଆଗରୁ ହୀରାକୁଦ ଜଳଭଣ୍ଡାରକୁ ଅଣ ମୌସୁମୀ ସମୟରେ ହାରାହାରି ୨.୫ ନିୟୁତ ଏକର ଫୁଟରୁ ୩ ନିୟୁତ ଏକର ଫୁଟ ପାଣି ଆସୁଥିଲା। ଏବେ ଅଣମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାରକୁ ସର୍ବନିମ୍ନ ୧.୭୪ ନିୟୁତ ଏକର ଫୁଟ ପାଣି ଆସିବା ଆବଶ୍ୟକ। ଏହି ଜଳ ନଆସିଲେ ୪୯୪ କିମି ଓଡ଼ିଶା ମଧ୍ୟରେ ଗତି କରୁଥିବା ମହାନଦୀର ଜଳ ଉପରେ ନିର୍ଭରଶୀଳ ଜନସାଧାରଣଙ୍କ ପରିସ୍ଥିତି ଭୟାବହ ହେବ। ଏଣୁ ଅଣମୌସୁମୀ ସମୟରେ ମହାନଦୀ ଉପରେ ଜଳ ପ୍ରବାହକୁ ସୁନିଶ୍ଚିତ କରିବାକୁ ପ୍ରାଥମିକ ଦିଅନ୍ତୁ।

କମ୍ପାନୀ ସ୍ୱାର୍ଥରେ ସାନକେଲୋ ନଦୀର ଜଳପ୍ରବାହ ଅବରୋଧ ବନ୍ଦ କରିବା ସହିତ ତଳ ମୁଣ୍ଡରେ ବସବାସ କରୁଥିବା ଲୋକ ଓ ଜୀବଯନ୍ତୁଙ୍କ ପାଇଁ ପର୍ଯ୍ୟାପ୍ତ ପାଣି ସୁନିଶ୍ଚିତ କରିବା ନେଇ ଦାବି କରାଯାଇଛି। ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନର ଆବାହକ ଅନନ୍ତ ବାସୁଦେବ ସାହୁ, ସୁରେନ୍ଦ୍ର ବଗାର, ଦୟାସାଗର ବଢ଼େଇ, ଫଗୁନ୍ଦ୍ର ପ୍ରଧାନ, ଉମାକାନ୍ତ ନାଏକ, କୈଳାଶ ପିଙ୍ଗ, ରସାନନ୍ଦ କିଷାନ, କ୍ଷୀରୋଦ କିଷାନ, ସୁରେନ୍ଦ୍ର ରୋହିଦାସ, ତେଜରାଜ ନାଏକ ପ୍ରଭୃତି ଏକ ପ୍ରତିନିଧି ଦଳ, ଛତିଶଗଡ଼ ସରକାରଙ୍କ ଦ୍ୱାରା ସାନକେଲୋ ନଦୀ ଉପରେ ବେଲେରିଆଠାରେ ନିର୍ମିତ ବ୍ୟାରେଜ ପରିଦର୍ଶନରେ ଯାଇଥିଲେ। ଝାରସୁଗୁଡ଼ାର ଗାନ୍ଧୀଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଯାତ୍ରା ଆରମ୍ଭ ହୋଇଥିଲା। ଅଭିଯାନର ଛତିଶଗଡ଼ ପ୍ରତିନିଧି ରଘୁବୀର ପ୍ରଧାନ, ଇନ୍ଦ୍ର ବିଳାସ ପଣ୍ଡା, ଟିକରାମ ପ୍ରଧାନ, ଶେଷଚରଣ ଗୁପ୍ତା ପ୍ରଭୃତି ବେଲେରିଆ ଠାରେ ସାମିଲ ହୋଇଥିଲେ।




ପ୍ରକାଶ ଯୋଗ୍ୟ ଯେ, ସାନକେଲୋ ନଦୀକୁ ସଂଯୋଗ କରୁଥିବା କୁରନାଲା ଉପରେ ଏହି ବ୍ୟାରେଜ ନିର୍ମାଣ କରାଯାଇଛି। ଆହୁରି ମଧ୍ୟ ଏହି ବ୍ୟାରେଜର ପ୍ରାୟ ୪ କିଲୋମିଟର ଉପରକୁ କୁଡୁର ନାଳା ଉପରେ ମଧ୍ୟ ଅନ୍ୟ ଏକ ବ୍ୟାରେଜ ନିର୍ମାଣ କରାଯାଇ ସମସ୍ତ ପାଣିକୁ

## ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ

ଅଟକ ରଖାଯାଇଛି, ଯାହା ସାନକେଲୋ ନଦୀ ସହିତ ବେଲେରିଆଠାରେ ମିଶିଛି। ଏଣୁ ଗୋଟିଏ ନୁହଁ ଦୁଇଟି ବ୍ୟାରେଜ ମାଧ୍ୟମରେ ସାନକେଲୋ ନଦୀକୁ ପାଣି ଯୋଗାଉଥିବା ନଦୀ ଉପରେ ବ୍ୟାରେଜ ନିର୍ମାଣ କରି ଜଳର ଗତିପଥକୁ ଅବରୋଧ କରାଯାଇ ଥିବାରୁ, ନଦୀର ତଳମୁଣ୍ଡ ଶୁଖିଲା ହୋଇପଡ଼ିଛି। ବେଲେରିଆ ବ୍ୟାରେଜରେ କେବଳ ଅବଶିଷ୍ଟ ଜଳ ପ୍ରବାହିତ ହେଉଛି। ଏଣୁ ଏହାର ତଳମୁଣ୍ଡ ଓଡ଼ିଶା ସୀମାନ୍ତ ଲଖନପୁର ବ୍ଲକ, ଅତାବିରା ଗ୍ରାମପଞ୍ଚାୟତର ଏମ କଣ୍ଟାପାଲି, ଗିରେଲପାଲି ଏବଂ ଭିଖମପାଲି ଗ୍ରାମପଞ୍ଚାୟତର ବାଉଁସେନପାଲି, ଭିକମପାଲି, ଚିକିଲାପାଲି, ଓ ଛୁଇଁପାଲି ପ୍ରଭୃତି ୬ ଖଣ୍ଡ ଗ୍ରାମର ଲୋକେ ଉତ୍କଟ ଜଳାଭାବର ସମ୍ମୁଖୀନ ହେଉଛନ୍ତି। ଲଖନପୁର ବ୍ଲକ ଭିଖମପାଲି ଗ୍ରାମପଞ୍ଚାୟତର ବାଉଁସେନପାଲି ଠାରେ ଅଭିଯାନର ପ୍ରତିନିଧି ଦଳ ଗ୍ରାମବାସୀଙ୍କ ସହିତ ଆଲୋଚନା ବେଳେ ବାଉସେନପାଲି, କଦମଘାଟ, ଗିରୋଳପାଲି, ଚିଖିଲାପାଲି ପ୍ରଭୃତି ଗ୍ରାମର ପ୍ରାୟ ୧୨ଟି ଉଠାଜଳସେଚନ ଯାହା ସାନକେଲୋ ନଦୀ ଉପରେ ନିର୍ଭର ସବୁ ବନ୍ଦ ହୋଇଯାଇଥିବା ଜଣାପଡ଼ିଥିଲା। ଭୀଷଣ ଗ୍ରୀଷ୍ମପ୍ରବାହରେ ପାଣିର ଅଭାବରୁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି।

ଛତିଶଗଡ଼ ସରକାର ଏହା ପୂର୍ବରୁ ରାୟଗଡ଼ଠାରେ ବଡକେଲୋ ନଦୀ ଉପରେ ବନ୍ଧ ନିର୍ମାଣ କରି ଜଳକୁ ଅବରୋଧ କରିବା ଏବଂ ଯଶପୁର ଜିଲ୍ଲାର ସମଡ଼ା ଠାରେ ଇବ ନଦୀ ଉପରେ ବନ୍ଧ ନିର୍ମାଣ ଫଳରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡା ଜିଲ୍ଲାରେ ଇବ ନଦୀ ମଧ୍ୟ ଶୁଖି ଯାଇଥିବା ଜେଇ ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ, ଓଡ଼ିଶା ଛତିଶଗଡ଼ ପକ୍ଷରୁ ଅଭିଯୋଗ କରାଯାଇଛି।

## ସାପ୍ତାହିକ ବଜାର ପାଇଁ କୃଷକ ସଂଘର୍ଷ ସଂଘର ଦାବିପତ୍ର

**ଦେବଗଡ଼, ୮।୬(ସମିସ):** ତିଳେଇବଣି ବ୍ଲକ ଅନ୍ତର୍ଗତ କଲଣ୍ଡା ଗ୍ରାମ ପଞ୍ଚାୟତଠାରେ ଏକ ସାପ୍ତାହିକି ବଜାର ଆରମ୍ଭ କରିବାକୁ ଜିଲ୍ଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦାବି କରାଯାଇଛି। ଆଜି ପୂର୍ବାହ୍ନରେ ସଙ୍ଘର ସଭାପତି ସେମ ହେମ୍ରାମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଲଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରିୟା ସାହୁ ଓ ସରପଞ୍ଚ ସାଶ୍ମୀତା ଲୁଗୁନଙ୍କୁ ଭେଟି ଦାବିପତ୍ର ପ୍ରଦାନ ଜରିଛନ୍ତି। ପଞ୍ଚାୟତରେ ସାପ୍ତାହିକ ବଜାର ଖୋଲାଗଲେ ସ୍ଥାନୀୟ ଚାଷୀ ସେମାନଙ୍କ ଉତ୍ପାଦିତ ଫସଲକୁ ସୁବିଧାରେ ବିକ୍ରି କରି ଲାଭବାନ ହେବେ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନବେଳେ ଗୋଲେଖ ଚନ୍ଦ୍ର ନାଏକ, ରମାକାନ୍ତ ନାଏକ, ରମେଶ ଚନ୍ଦ୍ର ପାତ୍ର, ସନ୍ତୋଷ ଉଦାବର, ସୁଶିଲ ଗୁଡିଆ, ଜିତେନ୍ଦ୍ର କୁମାର ବେହେରା, ସୁଜନ ଦୀପ ଏବଂ ଆନନ୍ଦ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



**ଦୟାଡେରା-ଝରନ ପର୍ଯ୍ୟଟନ ସ୍ଥଳୀ ରାସ୍ତାର ସ୍ଥିତି ସମୀକ୍ଷା**

**କନକତୋରା ରାଜସ୍ୱ ଡାକବଙ୍ଗଳା ଏବଂ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର କାର୍ଯ୍ୟ ଅଗ୍ରଗତି ଆଲୋଚନା**

**ଝାରସୁଗୁଡ଼ା, ୮।୬(ସମିସ):** ଲଖନପୁର ବ୍ଲକରେ ମିଳିତ ଜନଶୁଣାଣି ପରେ ବିଭିନ୍ନ ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ। ଲଖନପୁର ବିଡ଼ିଓ ବିନୟ କୁମାର ପଟେଲ ଏହି ଅବସରରେ ଜିଲ୍ଲାପାଳଙ୍କ ସହ ଉପସ୍ଥିତ ଥିଲେ। ପ୍ରଥମେ କନକତୋରା ଗ୍ରାମପଞ୍ଚାୟତର ଝାରଗାଁ ଗ୍ରାମ ଦେଇ ଯାଇଥିବା ଦୟାଡେରା ଠାରୁ ପ୍ରସିଦ୍ଧ 'ଝରନ' ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ସ୍ଥିତି ଅନୁଧ୍ୟାନ କରିଥିଲେ। ପର୍ଯ୍ୟଟକଙ୍କ ଗମନାଗମନ ସୁବିଧା ପାଇଁ ଏହି ରାସ୍ତାର ଗୁଣବତ୍ତା ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ କନକତୋରାଠାରେ ନିର୍ମାଣାଧୀନ ରାଜସ୍ୱ ଡାକବଙ୍ଗଳା କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଡାକବଙ୍ଗଳା ନିର୍ମାଣ ପାଇଁ ଆହୂତ ଟେଣ୍ଡର ପ୍ରକ୍ରିୟାର ଅଗ୍ରଗତି ଏବଂ ବୈଷୟିକ ଦିଗ ଉପରେ ପଚାରି ବୁଝିଥିଲେ। ଜିଲ୍ଲାପାଳ କନକତୋରା ସ୍ଥିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାକାର ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ଏହି କେନ୍ଦ୍ରର ପ୍ରସ୍ତୁତି ଏବଂ ଆନୁଷଙ୍ଗିକ ସୁବିଧା ସୁନିଶ୍ଚିତ କରିବାକୁ ସେ ବିଡ଼ିଓ ଶ୍ରୀ ପଟେଲଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଶାସନର ଏହି କ୍ଷେତ୍ର ପରିଦର୍ଶନ ସମୟରେ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଠିକା ଶ୍ରମିକଙ୍କ ଆମରଣ ଅନଶନ ଘଟଣା

## ଅସୁସ୍ଥ ଯୋଗୁଁ ୬ ଜଣ ଡାକ୍ତରଖାନାରେ ଭର୍ତ୍ତି



**ଇବଥର୍ମାଲ, ୮।୬ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଇଲା କ୍ଷେତ୍ର ଅନ୍ତର୍ଗତ ଲଖନପୁର ଖୋଲାମୁହଁ (ଆଇଏଲବିଏଲ) କୋଇଲା ଖଣିରେ କାର୍ଯ୍ୟରତ ବିଭିନ୍ନ ଠିକା କମ୍ପାନୀ ଅଧିନରେ କାର୍ଯ୍ୟରତ ଶ୍ରମିକ ବିଭିନ୍ନ ଦାବି ନେଇ ଆମରଣ ଅନଶନ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଏହି ଅନଶନ ସ୍ଥଳକୁ ଖବର ଲେଖାହେବା ପର୍ଯ୍ୟନ୍ତ କେହି ଅଧିକାରୀ ପହଞ୍ଚିନାହାନ୍ତି। ଆଜି ତିନିଥର ଡାକ୍ତର ଯୁଗଳ କିଶୋର ଭୋଇ, ଡାକ୍ତର ଦୀପକ ସାହୁ, ଡାକ୍ତର ହିମାଂଶୁ ପଶାୟତ ତଥା ଡାକ୍ତରୀ ଟିମ୍ ଯାଇ ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ଥିବାରୁ ଅନଶନକାରୀ ସଞ୍ଜୟ ଜୋଜୋଙ୍କୁ ଦିବା ୩ ଠାରେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ, ଆଲୋକ ସିଂହ, ଚିନ୍ତାମଣି ରଣା, ଭୃଗଦେବ ଗିରିଙ୍କୁ ଦିବା ୪ଟା ୩୦ରେ ଲଖନପୁର କୋଇଲାଖଣି ସ୍ୱାସ୍ଥ୍ୟକେନ୍ଦ୍ରରେ ତଥା ସୀତାରାମ ସିଂହ ଓ ଲକ୍ଷ୍ମୀଧର ବାଗଙ୍କୁ ରାତିରେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଛି। ଅନଶନକାରୀ ଶ୍ରମିକମାନେ ଦାବି ପୁରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି।

## ଲଖନପୁରରେ ଯୁଗ୍ମ ଜନଶୁଣାଣି ଶିବିର

## ୪୪ଟି ଅଭିଯୋଗ ଶୁଣିଲେ; ୫୦ହଜାର ଟଙ୍କା ସହାୟତା

**ଝାରସୁଗୁଡ଼ା, ୮।୬(ସମିସ):** ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଲଖନପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୪୪ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିରୁ ୩୭ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଥିଲା। ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ସହକାରୀ ଜିଲ୍ଲାପାଳ (ଅଭିଯୋଗ ପ୍ରକୋଷ୍ଠ) ଏବଂ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୫ଜଣ ଆବେଦନକାରୀଙ୍କୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ତତ୍କାଳ ମଞ୍ଜୁର କରାଯାଇ ପ୍ରଦାନ କରାଯାଇଛି। ଶିବିରରେ ମୁଖ୍ୟତଃ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା, ଧାନ ସଂଗ୍ରହ ପ୍ରକ୍ରିୟା, ଟୋକନ ସମସ୍ୟା, ପାନୀୟ ଜଳ ଯୋଗାଣ ଏବଂ ବିଭିନ୍ନ ସରକାରୀ ଯୋଜନାରେ ଆର୍ଥିକ ସହାୟତା ପାଇଁ ଆବେଦନ ପତ୍ର ଆସିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ହୀରାକୁଦ ବୁଡ଼ି ଅଞ୍ଚଳର ବିସ୍ଥାପିତଙ୍କ ଜମିଜମା ସମ୍ବନ୍ଧୀୟ ବିବାଦ ଓ ସମସ୍ୟା ଉପରେ ଦୀର୍ଘ ଆଲୋଚନା କରାଯାଇ ସ୍ଥାୟୀ ସମାଧାନ ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

## ଇଜେଭି ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର

**ଝାରସୁଗୁଡା, ୮।୬ (ସମିସ):** ଇଜେଭି ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଠାରେ ମୋଟ ୭୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହାସହ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ବିଶେଷଜ୍ଞଙ୍କ ଦ୍ୱାରା ବହୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ଓ ମାଗଣା ଔଷଧ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସହରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ବାଲଗୋବିନ୍ଦ ମିଶ୍ର, ହୀରାଲାଲ ଲୋକ ଚାନ୍ଦିନୀ, ଚୁନି ଲାଲ କାକନୀ, ତାପସ ରାୟଚୌଧୁରୀ, ମହେନ୍ଦ୍ର କେଡ଼ିଆ, ହରିଶ ଗଣତ୍ରା, ଆଶିଷ ଆବାସ୍ତି, ଗୁଡୁଲୁ ମେହେର ପ୍ରମୁଖଙ୍କ ସହିତ ଇଜେଭି ପକ୍ଷରୁ ରାଜେଶ ପାଢ଼ୀ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ମାନସୀ ପଣ୍ଡା, ପୁନମ ପଟେଲ, ଗଙ୍ଗାଧର ମଡେର, ଜ୍ୟୋତିର୍ମୟୀ ବେହେରା, ସୋବନା ମହାପାତ୍ର, ପ୍ରିୟା ରାୟ, ଦୀପ୍ତି ବେହେରା, ମିତୁ ପଣ୍ଡା, ମିନା ସୋନି, ସୋବନା ସୋହେଲା, ବିନ୍ଦିଆ ନାୟକ, ପବିତ୍ର ସ୍ୱାଇଁ, ବିନୋଦ ଶତପଥି, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବ ଓ ମହିଳା ଏକତା ମଞ୍ଚ ପକ୍ଷରୁ ହଲ୍ଲାବୋଲ

### ସଂଶୋଧିତ ତଥ୍ୟ ନ ଦେଲେ ଆନ୍ଦୋଳନ ଚେତାବନୀ



**ଦେବଗଡ଼, ୮।୬(ସମିସ):** ଜିଲ୍ଲା ଯୁବ ଓ ମହିଳା ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଓ ପୌର ପରିଷଦର ବିଫଳତା ଏବଂ କିଛି ତଥ୍ୟ ପାଇଁ ବିଗତ ଦିନରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଜିଲ୍ଲା ପ୍ରଶାସନକୁ ମଞ୍ଚ ପକ୍ଷରୁ ମଗାଯାଇଥିବା ତଥ୍ୟ ସମ୍ପର୍କରେ ପୌର ପରିଷଦର ତଥ୍ୟ ଯୋଗାଇବା ପରେ ମଞ୍ଚ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୌର ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ତଥ୍ୟ ଭୁଲ ଥିବା ଦର୍ଶାଇ ଆଜି ପୂର୍ବାହ୍ନରେ ମଞ୍ଚପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପୌର କାର୍ଯ୍ୟାଳୟରେ ପହଞ୍ଚି ହଲ୍ଲାବୋଲ କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥି ଓ ପୌରାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କୁ ଭୁଲ ତଥ୍ୟ ଦେଇଥିବାରୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ସଠିକ ତଥ୍ୟ ପ୍ରଦାନ ନ କଲେ ଆଗାମୀ ଦିନରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ମଞ୍ଚର ପ୍ରତିନିଧି ମଣ୍ଡଳୀରେ ସନ୍ତୋଷ କୁମାର ଦେବତା, ପିଡି ରାଜେଶ, ଦୀପକ ଝାଙ୍କର, ପ୍ରଭାତ କୁମାର ସାହୁ, ମିନାକ୍ଷୀ ମିଶ୍ର, ସୁଜାତା ପ୍ରଧାନ, ରାଜଶ୍ରୀ ପାତ୍ର, ପ୍ରେମଶିଳା ଝାଙ୍କର, ରତ୍ନପ୍ରଭା ଦେଓଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ରିଆମାଳରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ଦେବଗଡ଼, ୮।୬(ସମିସ):** ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୩୧ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୪ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଥିଲା। ବିଦ୍ୟୁତ୍ ସମସ୍ୟା, ଜମିବାଡ଼ି ବିବାଦ, ବିକଳାଙ୍ଗ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ଏକାଧିକ ଅଭିଯୋଗ ଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ବନଖଣ୍ଡ ଅଧିକାରୀ ରଶ୍ମି ଜି, ଉପଜିଲ୍ଲାପାଳ ପରିକ୍ଷୀତ ସାହୁ, ଜିଲ୍ଲାପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା ଓ ତହସିଲଦାର ବିଜୟ ଲକ୍ଷ୍ମୀ ନାୟକଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସମସ୍ୟା ନେଇ ଜିଲ୍ଲା ବିଜେଡିର ବିକ୍ଷୋଭ

**ଟିପିଡବ୍ଲୁଓଡ଼ିଏଲ୍ ନିର୍ବାହୀ ଯନ୍ତ୍ରୀଙ୍କୁ ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ଉପସ୍ଥିତିରେ ଦାବିପତ୍ର**

ଝାରସୁଗୁଡ଼ା, ୮।୬(ସମିସ)

ଝାରସୁଗୁଡ଼ା ଜିଲ୍ଲାରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଟାଟା ପାୱାର୍ କମ୍ପାନୀ ପକ୍ଷରୁ ମନମୁଖୀ ପାୱାର୍ କଟ କରାଯାଉଛି। ଜିଲ୍ଲାରେ ଦେଖାଦେଇଥିବା ଏହି ଅସହ୍ୟ ଗ୍ରୀଷ୍ମ ପ୍ରବାହ ମଧ୍ୟରେ କ୍ରମାଗତ ଅଘୋଷିତ ବିଦ୍ୟୁତ କାଟ୍ ଏବଂ ଭୟଙ୍କର ଲୋ-ଭୋଲ୍ଟେଜ୍ ସମସ୍ୟାକୁ ନେଇ ବିଜେଡି ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ହଜାର ହଜାର ଜନସାଧାରଣ ଓ ବିଜେଡି କର୍ମୀ ଟିପିଡବ୍ଲୁଓଡ଼ିଏଲ ଝାରସୁଗୁଡା ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶତାଧିକ ବିଜେଡି ମହିଳା କର୍ମକର୍ତ୍ତା ଓ ଦଳୀୟ ନେତୃବୃନ୍ଦ ଏକ ବିରାଟ ରାଲିରେ ବେହେରାମାଲସ୍ଥିତ ଡିଆରଡିଏ କାର୍ଯ୍ୟାଳୟରୁ ବାହାରି ଟିପିଡବ୍ଲୁଓଡ଼ିଏଲ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ କମ୍ପାନୀର ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୁଶ୍ରୀ ଦୀପାଳି ଦାସ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପୂର୍ବ ବିଜେଡି ସରକାରଙ୍କ କାର୍ଯ୍ୟକାଳ ସମୟରେ ଲୋ-ଭୋଲ୍ଟେଜ ସମସ୍ୟାର ସମାଧାନ ତଥା ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ବିପୁଳ ପରିମାଣର ବଜେଟ୍ ବ୍ୟବସ୍ଥା କରାଯାଇଥିଲା। ଟିପିଡବ୍ଲୁଡ଼ିଏଲ କର୍ତ୍ତୃପକ୍ଷ ସେହି ପାଣ୍ଠିର ସଠିକ୍ ଉପଯୋଗ କରି ପ୍ରଭାବିତ ଅଞ୍ଚଳରେ ଆବଶ୍ୟକୀୟ ଟ୍ରାନ୍ସଫର୍ମର ତୁରନ୍ତ ସ୍ଥାପନ କରନ୍ତୁ, ଯାହାଦ୍ୱାରା ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇପାରିବ। ଉପଭୋକ୍ତାମାନେ ନିୟମିତ ଭାବେ ନିଜର ବିଦ୍ୟୁତ ବିଲ୍ ପୈଠ କରୁଥିବା ବେଳେ କମ୍ପାନୀ ପକ୍ଷରୁ ଏଭଳି ନିକୃଷ୍ଟ ସେବା ପ୍ରଦାନ କରାଯିବା ଅତ୍ୟନ୍ତ ଗ୍ରହଣୀୟ ନୁହେଁ ବୋଲି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ସହିତ ଏହି ପ୍ରଚଣ୍ଡ ଗରମକୁ ଦୃଷ୍ଟିରେ ରଖି ଆର୍ଥିକ ଅନଗ୍ରସର ଓ ଗରିବ ଶ୍ରେଣୀର ପରିବାର, ଯେଉଁମାନଙ୍କର କିଛି ବାକିଆ ବିଦ୍ୟୁତ ବିଲ୍ ରହିଯାଇଛି, ଏହି ଗ୍ରୀଷ୍ମ ଋତୁରେ ସେମାନଙ୍କର ବିଦ୍ୟୁତ ସଂଯୋଗ ନକାଟିବାକୁ ସେ କମ୍ପାନୀକୁ ବିଶେଷ ଅନୁରୋଧ କରିଛନ୍ତି।




କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଜୟନ୍ତୀ ବାହୁକ, ବିଜେଡି ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ଜିଲ୍ଲା ବାର ଆସୋସିଏସନର ସଭାପତି ରଘୁମଣି ପଟେଲ, ପୂର୍ବତନ ଜିଲ୍ଲା ସଭାପତି ରବି ସିଂ, ତାପସ ରାୟ ଚୌଧୁରୀ, ଅଶୋକ ଦାସ, ଆଲୋକ ତ୍ରିପାଠୀ, ପୱନ ସିଂ ଯାଦବ, ସନ୍ଦୀପ ଅବସ୍ତି, ଶଶୀ ଭୂଷଣ ତିୱାରୀ, ଦାମୋଦର ନାଥ, ଜଗନ୍ନାଥ ଜେନା, ଜିଲ୍ଲା ବିଜେଡି ଯୁବ ସଭାପତି ରୁବିନ ପାଣ୍ଡେ, ଗୋପାଳ ପଟ୍ଟନାୟକ, ନଭନୀତ କୌର, ନାଗେଶ୍ୱରୀ ବୋନେଲା, ରୋଜାଲିନ ପଟେଲ, ପବନ ଶର୍ମାଙ୍କ ସହିତ ଶତାଧିକ ବିଜେଡିକର୍ମୀ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



